## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚନ୍ଦ୍ରପୁର ନିକଟସ୍ଥ ଛିଡି ଗ୍ରାମର ସୁନ୍ଦର ନାଏକ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସନ୍ଧ୍ୟା ୭ଟା ବେଳେ ନିଜ ଘରେ ବିଦ୍ୟୁତ୍ ସୁଇଜବୋଡ଼ ସଜାଡୁ ଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ପକ୍ଷରୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ହୀରାକୁଦ ଡ୍ୟାମ୍ ମରାମତିରେ ୫୧୮ କୋଟି

### ବିଧାନସଭାରେ ଉତ୍ତର ରଖିଲେ ମନ୍ତ୍ରୀ

ସମ୍ବଲପୁର,୯।୯(ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମରେ ଗତ ୪ ବର୍ଷରେ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ୫୧୮ କୋଟି ୧୪ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ, ହରାକୁଦ ବନ୍ଧରେ ଅତିରିକ୍ତ ଜଳ ନିଷ୍କାସନ ପଥ ନିର୍ମାଣ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ୬୨୩ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଟେଣ୍ଡର ପ୍ରକ୍ରିୟା ହୋଇ କାମ ଆରମ୍ଭ କରାଯିବ। ଡ୍ୟାମର ସୁରକ୍ଷା କର୍ମୀଙ୍କ ପାଇଁ କୋଠା ନିର୍ମାଣ ଯୋଜନା କରାଯାଇଛି। ରକ୍ଷଣାବେକ୍ଷଣ ଲାଗି ୨୦୧୮-୧୯ ବର୍ଷରେ ୧୧ କୋଟି ୭୦ ଲକ୍ଷ ୨୧ ହଜାର ୧ ଶହ, ୨୦୧୯-୨୦ରେ ୧୫ କୋଟି ୫୩ ଲକ୍ଷ ୪୬ ହଜାର, ୨୦୨୦-୨୧ରେ ୨୧ କୋଟି ୫ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି ଚଳତି ଆର୍ଥିକ ବର୍ଷରେ ୩୦ କୋଟି ୭୫ ଲକ୍ଷ ଏ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ଭିତରେ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି। ଏହାସହ ଉଠାଜଳସେଚନ, କ୍ଷୁଦ୍ର ଡ୍ୟାମ, ଚେକ୍ ଡ୍ୟାମ, କେନାଲ ରାସ୍ତା ଆଦି ପ୍ରକଳ୍ପର ସ୍ଥିତି ଉପରେ ପ୍ରଶ୍ନ କରିଥିଲେ। ଜମି ସମସ୍ୟା ଯୋଗୁ କେତେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ଅଧିକାଂଶ ପ୍ରକଳ୍ପ ଶେଷ ହୋଇଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

## ସୁରୁବାଲି ଯୋରରେ ବ୍ୟାରେଜ ନିର୍ମାଣ ଦାବି

ରେଢ଼ାଖୋଲ,୯।୯(ଡି.ଏନ.ଏ.): ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତର ଭାଡିଦର ଗ୍ରାମ ନିକଟଦେଇ ବହିଯାଇଥିବା ସୁରୁବାଲି ଯୋରରେ ଏକ ବ୍ୟାରେଜ ନିର୍ମାଣ ପାଇଁ ପଞ୍ଚାୟତବାସୀ ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ପୂର୍ବରୁ ଜଳସମ୍ପଦ ମନ୍ତ୍ରୀଙ୍କୁ ମଧ ଦାବିପତ୍ର ଦିଆଯାଇଥିଲା। ପଞ୍ଚାୟତବାସୀ ଦାବିପତ୍ରରେ ଦର୍ଶାଇଛନ୍ତି, ଭରତାପୁର ପଞ୍ଚାୟତ ଏକ ମରୁଡି ପ୍ରପୀଡିତ ଅଞ୍ଚଳ। ଚାଷୀମାନେ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିଥାନ୍ତି। ତେବେ ବର୍ଷାର ଅନିୟମିତତା ଯୋଗୁ ଚାଷୀମାନେ ମରୁଡି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତରେ ଜଳସେଚନ ସୁବିଧା ନ ଥିବାରୁ ଚାଷକାର୍ଯ୍ୟ ପାଇଁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁରୁବାଲି ଯୋର ବିରୋସ୍ରୋତା। ଏପ୍ରିଲ ଓ ମେ ମାସରେ ମଧ ଜଳ ପ୍ରବାହିତ ହୋଇଥାଏ। ତେଣୁ ଏଠାରେ ଏକ ବ୍ୟାରେଜ ନିର୍ମାଣ କରାଗଲେ ପଞ୍ଚାୟତର ଭରତାପୁର, ଚୁଡାପୁତୁଗ, ଭାଲୁଟୁଆ, ତେନ୍ତୁଲାଖୋଲ, ଭତରା, ବିଶ୍ୱନାଥପୁର, ଭୀମମୁଣ୍ଡା, ଝମକରେଇ, ରଙ୍ଗମାଟିଆ, ବଡଖୋଲ ଆଦି ଗ୍ରାମର ଚାଷଜମିକୁ କେନାଲ ଯୋଗେ ଜଳସେଚନ ହୋଇପାରିବ। ଫଳରେ ଚାଷୀମାନଙ୍କ ଅର୍ଥିକ ଉନ୍ନତି ହୋଇପାରିବ। ସେମାନେ ଧାନଚାଷ ବ୍ୟତୀତ ପନିପରିବା ଓ ଡାଲିଜାତୀୟ ଫସଲ କରିପାରିବେ। ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ, କୃଷକ ନେତା ଉମାଚରଣ ପ୍ରଧାନ, ବେଣୁଧର ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ନୀଳକଣ୍ଠ ସାହୁ, ଦିଲୀପ କୁମାର ବେହେରାଙ୍କ ସମେତ ବହୁ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

# ଜେଲ ଗଲେ ୩୬ ଅନୁପ୍ରବେଶକାରୀ

ରେଢ଼ାଖୋଲ,୯।୯(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡର ବଡବାହାଳ ରେଞ୍ଜ ଅଧୀନ ଗଡାଖୋଲ ଗ୍ରାମ ନିକଟ ଟାଲ ସଂରକ୍ଷିତ ଜଙ୍ଗଲ କାଟିବା ସହିତ ବନ୍ୟଜନ୍ତୁ ଶିକାର କରୁଥିବା ଅଭିଯୋଗରେ ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ୩୬ ଅନୁପ୍ରବେଶକାରୀଙ୍କୁ ଗୁରୁବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନକୁ ଏସ୍‌ଡିଜେଏମ୍ ସାନ୍ତା ସାମଲ ନାମଞ୍ଜୁର କରିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ବଡବାହାଳ ରେଞ୍ଜରେ ଏ ନେଇ ପୃଥକ୍ ଭାବେ ୪ଟି ମାମଲା ରୁଜୁ କରାଯାଇଛି। ୩୨ ଜଣଙ୍କ ନାମରେ


କୋର୍ଟ ଚାଲାଣ ହେବା ଅବସରରେ ଅଭିଯୁକ୍ତମାନେ।

ବେଆଇନ ଜଙ୍ଗଲକଟା ଅଭିଯୋଗରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଅନ୍ୟ ୪ଜଣଙ୍କ ନାମରେ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର

### ବେଆଇନ ଭାବେ ଜଙ୍ଗଲ କାଟିବା ଅଭିଯୋଗ

କରିବା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଝାଡଖଣ୍ଡ ରାଜ୍ୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଲୋକ ଏହି ବନଖଣ୍ଡର ବିଭିନ୍ନ ସଂରକ୍ଷିତ ଜଙ୍ଗଲକୁ ବେଆଇନ ଭାବେ କାଟି ବସତି ସ୍ଥାପନ କରୁଛନ୍ତି। ପ୍ରାୟ ୨୦ବର୍ଷ ହେବ ଏହି ବନଖଣ୍ଡର ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧୀନ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ ଶହ ଶହ ହେକ୍ଟର ଜଙ୍ଗଲକାଟି ଚାଷଜମି ତିଆରିକରି ସ୍ଥାୟୀ ବସତି ସ୍ଥାପନ କରୁଛନ୍ତି।

# ବିଶ୍ୱ ଫିଜିଓଥେରାପି ଦିବସ

ସମ୍ବଲପୁର,୯।୯(ବ୍ୟୁରୋ)

ବିଶ୍ୱ ଫିଜିଓଥେରାପି ଦିବସ ଜମାଦାରପାଲିସ୍ଥିତ ଗାୟତ୍ରୀ କଲେଜ ଅଫ ଫିଜିଓଥେରାପି ସଭାକକ୍ଷଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋନୁଟିକ୍ରା ଗ୍ରାମଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ଆଣ୍ଠୁଗଣ୍ଠି, ଅଣ୍ଟା, ପକ୍ଷାଘାତ ରୋଗୀମାନଙ୍କ ଚିକିତ୍ସା କରାଯାଇଥିଲା। ଅପରାହ୍ନରେ ଫିଜିଓଥେରାପି ଶିକ୍ଷା ଓ ଚିକିତ୍ସା ବିଷୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗାୟତ୍ରୀ କଲେଜ ଅଫ ଫାର୍ମାସୀ ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥି, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥି, ଫାର୍ମାସୀ କଲେଜ


ଫିଜିଓଥେରାପି ଦିବସ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

ଅଧ୍ୟକ୍ଷ ଡା. ସୂର୍ଯ୍ୟନାରାୟଣ ଦାସ, ଉନ୍ନୟନ ଅଧିକାରୀ ଅତିଶ କୁମାର ଶତପଥି, ପ୍ରଫେସର ସୌମ୍ୟଜିତ ପଣ୍ଡା, ପ୍ରଫେସର ସୌମ୍ୟା ଦାସ, ଫିଜିଓଥେରାପି ଅଧ୍ୟାପିକା ଡା. ମାରିଆ ରତୁରାଜ ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଫିଜିଓଥେରାପି ଶିକ୍ଷା ଓ ଚିକିତ୍ସା ସମ୍ବନ୍ଧୀୟ ପୋଷ୍ଟର ପ୍ରତିଯୋଗିତାରେ କୃତିମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭୁଶୁଡ଼ିଲା ଝୁଲେନ ପୋଲ

ସମ୍ବଲପୁର,୯।୯(ବ୍ୟୁରୋ)

୪୯ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା କୁଚିଣ୍ଡା ଥାନାର ଝୁଲେନ ପୋଲ ଗୁରୁବାର ରାତି ୧୦ଟାରେ ଭୁଶୁଡ଼ିପଡିଛି। ପୋଲ ଉପର ଦେଇ ଏକ ପଥର ବୋଝେଇ ଡମ୍ପର ଯାଉଥିବା ସମୟରେ ହଠାତ୍ ଏହା ଭୁଶୁଡି ପଡିଥିଲା। ପୋଲର କଂକ୍ରିଟ ଅଂଶ ସହ ଡମ୍ପର ତଳକୁ ଖସିପଡିଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଛି। ଡମ୍ପର ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କ ସମ୍ପର୍କରେ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାସ୍ଥଳରେ କୁଚିଣ୍ଡା ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

## ବଂଶାଜାଲ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପଞ୍ଚାୟତବାସୀ।

ରେଢାଖୋଲ,୯।୯(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତକୁ ମରୁଡି ଅଞ୍ଚଳ ଘୋଷଣା କରାଯାଇ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଗୁରୁବାର ଶତାଧିକ ଚାଷୀ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଂଶାଜାଲ ସରପଞ୍ଚ କସ୍ତୁରୀ ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରୁ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜୁନ ମାସରେ ସାମାନ୍ୟ ବର୍ଷା ଯୋଗୁ ଚାଷୀମାନେ ଧାନବୁଣା ସହ ତଳି ପକାଇଥିଲେ। ତେବେ ଜୁଲାଇ କିମ୍ବା ଅଗଷ୍ଟରେ ବର୍ଷା ନ ହେବାରୁ ବେଉଷଣ କିମ୍ବା ତଳିରୁଆ କାର୍ଯ୍ୟ ହୋଇପାରିନାହିଁ। ତେଣୁ ଉଭୟ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ପଞ୍ଚାୟତକୁ ମରୁଡି ଘୋଷଣା ସହ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉ। ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ,ବିଜେଡି ଜିଲା ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲୀପ ପ୍ରଧାନ, ପ୍ରମୋଦ ମାଝି, ରୋହିତ କୁମାର ପ୍ରଧାନ, ଗୁଣମଣି ପ୍ରଧାନ, ରତନ ରଣା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଆଇସିଏମ୍ଆର୍ ପକ୍ଷରୁ ସେରୋ ସର୍ଭେ


ଚିନିମହୁଲ ଗାଁରେ ସେରୋ ସର୍ଭେ କରାଯାଉଛି।

ଜମନକିରା,୯।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚିନିମହୁଲ ଗାଁରେ ଆଇସିଏମ୍ଆର୍ ପକ୍ଷରୁ ସେରୋ ସର୍ଭେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଆଇସିଏମ୍ଆର୍ ପକ୍ଷରୁ ଡା. ମନୋରଞ୍ଜନ ହାତୀ, ଡା. ସ୍ମୃତିରଞ୍ଜନ ପଣ୍ଡାଙ୍କ ସମେତ ଏକ ଟିମ୍ ସାମିଲ ହୋଇଥିଲେ। ଜମନକିରା ବ୍ଲକ୍ ଫାଶିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶରତଚନ୍ଦ୍ର ଦେହୁରି, ବ୍ଲକ୍ ପ୍ରୋଗ୍ରାମ ଅଧିକାରୀ ଜିତେନ୍ଦ୍ର କୁମାର ନନ୍ଦ, ତରୁଣ କୁମାର ନାଏକ, ଦୀପ୍ତିମୟୀ ସିଂ ପ୍ରମୁଖ ଉପସ୍ଥିତ ରହି ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି କେନ୍ଦ୍ରରେ କୋଭିଡ୍ ଟିକା ନେଇଥିବା ମୋଟ ୯୬ ଜଣଙ୍କର ରକ୍ତ ସଂଗ୍ରହ କରାଯାଇଥିଲା।

# ସ୍କୁଲ ପରିଦର୍ଶନ କଲେ ପୋଲିସ ଅଧିକାରୀ


ଶ୍ରେଣୀ ଗୃହରେ ପୋଲିସ ଅଧିକାରୀ।

ସମ୍ବଲପୁର,୯।୯(ବ୍ୟୁରୋ)

କୋଭିଡ୍ କଟକଣା ପାଳନ କରି ଜିଲାରେ ସ୍କୁଲ ଖୋଲାଯାଇଛି। ସ୍କୁଲଗୁଡିକ କଟକଣା ପାଳନ କରୁଥିବା ନେଇ ପୋଲିସ ଯାଞ୍ଚ କରିଛି। ସ୍ଥାନୀୟ ଏସ୍‌ଡିପିଓ ଓ ଥାନା ଅଧିକାରୀମାନେ ସମ୍ବଲପୁର ସଦର, କୁଚିଣ୍ଡା, ରେଢାଖୋଲ ସବ୍‌ଡିଭିଜନର କେତେକ ସ୍କୁଲ ପରିଦର୍ଶନ କରିଥିଲେ। ସେମାନେ ଶ୍ରେଣୀଗୃହ, ଅଫିସ ବୁଲି ଦେଖିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସମାଜିକ ଦୂରତା, ମାସ୍କ ପରିଧାନ କରିବା, ସାନିଟାଇଜର କିମ୍ବା ସାବୁନରେ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦେଇଥିଲେ। ଆଗକୁ ବିଭନ୍ନ ଅନୁଷ୍ଠାନକୁ ଯାଇ ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଅସାମାଜିକଙ୍କ ଦୌରାତ୍ମ୍ୟ: ଏସ୍‌ପିଙ୍କୁ ଭେଟିଲେ ଭାଜପା ପ୍ରତିନିଧି

ରାଉରକେଲା ଅଫିସ,୯।୯

ରାଉରକେଲା ରଘୁନାଥପାଲି ଥାନା ଅଞ୍ଚଳରେ ଅସାମାଜିକଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଏଫ୍‌ସିଆଇ ଗୋଦାମ ଫଛପଟ, ମାଛ ମାର୍କେଟ, କୃଷକ ବଜାର, ମ୍ୟୁଜିକ ସର୍କଲ ପାହାଡ଼ ତଳି ଅଞ୍ଚଳ ଓ ଶିଳ୍ପାଞ୍ଚଳର ଅନ୍ଧାରୁଆ ସ୍ଥାନରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ସନ୍ଧ୍ୟାହେଲେ ଏହି ଅସାମାଜିକ ଯୁବକମାନେ ନିଶା ଦ୍ରବ୍ୟ ସେବନ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେମାନେ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଝିଅ ବୋହୁଙ୍କୁ କମେଣ୍ଟ ମାରିବାକୁ ମଧ୍ୟ ପଛାଉନାହାନ୍ତି। ଅସାମାଜିକଙ୍କ ଏଭଳି କାର୍ଯ୍ୟ ଯୋଗୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହି ଅସାମାଜିକ ବ୍ୟକ୍ତିଙ୍କୁ ବିରୋଧ କଲେ ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏ ନେଇ ଗୁରୁବାର ସିଭିଲ ଟାଉନଶିପ୍ ଭାଜପା ମଣ୍ଡଳ ସଭାପତି ଅବୋଧ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କୁ ଭେଟି ଜଣାଇଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଭାମୁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପାର ରମେଶ ହରିଚନ୍ଦନ, କୈଳାସ ରାଉତ, ଶଶାଙ୍କ ରଣା, ଅଶୋକ ଖଟୁଆ, ରାଜେଶ ରାଉତ, ପ୍ରଫୁଲ ସାମଲଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିଏମ୍‌ଏସ୍‌ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୯।୯

୧୦ଦଫା ସମ୍ବଳିତ ଦାବି ନେଇ ଭାରତୀୟ ମଜଦୁର୍ ସଂଘ (ବିଏମ୍ଏସ୍) ଝାରସୁଗୁଡା ଶାଖା ତରଫରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳୀୟ ନେତୃବୃନ୍ଦ ଓ ସଦସ୍ୟମାନେ ପତାକା ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନଦେଇ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏ ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ନିର୍ମାତାମାନେ ପ୍ରତ୍ୟେକ ବସ୍ତୁର ଉତ୍ପାଦନର ମୂଲ୍ୟ ଘୋଷଣା କରିବାକୁ ଉପଭୋକ୍ତା



ବିଏମ୍ଏସ୍ ନେତୃବୃନ୍ଦମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆଇନ୍‌ରେ ସଂଶୋଧନ ଆଣିବା ସହିତ ପ୍ରତ୍ୟେକ ସାମଗ୍ରୀରେ ଉଚିତ ମୂଲ୍ୟ ଜିଏସ୍‌ଟି ସହିତ ଉଲ୍ଲେଖ କରିବା, ପେଟ୍ରୋଲିୟମ୍ ଉତ୍ପାଦ ସହିତ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବି ଦାବି ରହିଛି। ସଞ୍ଜୟ ପଟେଲ, ନବୀନ ପଟେଲ, ମହେଶ୍ୱର ମହନ୍ତ, ସଞ୍ଜୀବ ସିଂହ, ସନ୍ତୋଷ ପଣ୍ଡା, ମୃତ୍ୟୁଞ୍ଜୟ ମୁଦୁଲି, ନୃସିଂହ ଚରଣ ବେହେରା, ଅଜିତ ଓରାମ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଇସ୍ପାତ ମାର୍କେଟ ବିଜୟୀ


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ରାଉରକେଲା ଅଫିସ,୯।୯

ରାଉରକେଲା ସେକ୍ଟର-୧୭ ଫୁଟବଲ ଖେଳ ପଡ଼ିଆରେ ମା' ସମଲେଶ୍ୱରୀ ୟୁଥ୍ ଅର୍ଗାନାଇଜେଶନ ପକ୍ଷରୁ ଶ୍ରୀ ଶ୍ରୀ ମା' ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ହମିରପୁର, ତୁମକେଲା ଓ ରାଉରକେଲା ସମେତ ଆଖପାଖ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ୍ ଫ୍ରେଣ୍ଡ୍‌ସ କ୍ଲବ ଓ ଇସ୍ପାତ ମାର୍କେଟ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଇସ୍ପାତ ମାର୍କେଟ ଦଳ ଫ୍ରେଣ୍ଡ୍‌ସ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଛି। ଉଦଘାଟନୀ ମ୍ୟାଚ୍‌ରେ ସେକ୍ଟର-୧୫ ଥାନାଧିକାରୀ ପାର୍ବତୀ ହେମ୍ବ୍ରମ, ସାଗରିକା ୱେଲଫେୟାର ଟ୍ରଷ୍ଟର ଜୟନ୍ତୀ ଦାସ, ରାଜେଶ ନାଗ, ସଭାପତି ପୁରୁଷୋତ୍ତମ ତନ୍ତୀ ଅତିଥି ଭାବେ ଯୋଗ ଦେଇଥିଲେ। ନାଗେଶ୍ୱର ତନ୍ତୀ, ରାଜୀବ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମା' ସମଲେଶ୍ୱରୀ ୟୁଥ୍ ଅର୍ଗାନାଇଜେଶନର ସଦସ୍ୟ ହେମନ୍ତ ବାରିକ, ବିଜୟ ନାଗ, ଛେଟକୁ ବାଗ, ମଙ୍ଗୁ ମହାନ୍ତି, ଲକି ନାଗ, ବିଜୟ ବେହେରା, ଲକି ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଭାଜପାର ତହସିଲ କାର୍ଯ୍ୟାଳୟ ଘେରାଉ

ଝାରସୁଗୁଡ଼ା ଅଫିସ,୯।୯

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭାଜପା କୋଲାବିରା ମଣ୍ଡଳ ତରଫରୁ ଗୁରୁବାର କୋଲାବିରା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗାୟତ୍ରୀ ମନ୍ଦିର ସମ୍ମୁଖରୁ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏଥିରେ ଶତାଧିକ ମହିଳାପୁରୁଷ ଚାଷୀ ସାମିଲ ହୋଇ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିଥିଲେ। ପରେ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିରେ ଉଲ୍ଲେଖ ରହିଛି କୋଲାବିରା ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଚାଷୀମାନଙ୍କ ଋଣ ସମ୍ପୂର୍ଣ୍ଣ ଛାଡ କରିବା, ଚାଷର କ୍ଷୟକ୍ଷତି ଆକଳନକରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଅଚଳ ଉଠାଜଳସେଚନ ପ୍ରକଳ୍ପ ମରାମତି କରାଯାଉ, ଜମିକୁ ପାଣି ଦେବାପାଇଁ ମେଗା ପ୍ରୋଜେକ୍ଟ ଓ ଲିଫ୍ଟଇରିଗେଶନ୍ ସୁବିଧା ଯୋଗାଇ ଦିଆଯାଉ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ତ୍ରିପାଠୀ, ମଣ୍ଡଳସଭାପତିରାଜେନ୍ଦ୍ରକୁମାର ଦାଶ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ପ୍ରେମସେନ୍ ରଏ, ମନୋଜ ସାହୁ, ସମରେନ୍ଦ୍ର ରଏ, କୁଳଦୀପ ନାୟକ ପ୍ରମୁଖ ସାମିଲ ହୋଇଥିଲେ।


ଭାଜପା ନେତା ଓ କର୍ମୀମାନେ କୋଲାବିରା ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ୨ ଆନ୍ତଃ ଜିଲା ଡକାୟତ ଗିରଫ

ଝାରସୁଗୁଡ଼ା ଅଫିସ,୯।୯

ଝାରସୁଗଡ଼ା ପୋଲିସ ୨ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ବତୀଗାଁର ବିକ୍ରମ ବିଶ୍ୱାଳ(୩୫) ଓ ଢେଙ୍କାନାଳ ଚାନ୍ଦମାରୀ ସାହିର ଅଜୟ ବେହେରା(୪୬)। ଏମାନଙ୍କ ନିକଟରୁ ୨୦ଗ୍ରାମର ଲୁଟ୍ ହାର, ଓଡି୦୨ବିଏନ୍-୦୫୭୩ ବ୍ୟବହୃତ ବାଇକ୍ ଓ ୨ ମୋବାଇଲ ପୋଲିସ ଜବତ କରିଛି । ଲୁଟ୍‌ର ଶିକାର ହୋଇଥିବା ଶିକ୍ଷୟିତ୍ରୀ ବୈଜୟନ୍ତୀ ପଟେଲଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡା ଟାଉନ ଥାନାରେ ପୋଲିସ ଏକ ମାମଲା (ନଂ୪୫୦/୨୧) ରୁଜୁ କରିଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ଗତ ବୁଧବାର ଭଷ୍ମା ହାଇସ୍କୁଲ ଶିକ୍ଷୟିତ୍ରୀ ପଟେଲ ସ୍କୁଟିରେ ଯାଉଥିବାବେଳେ ୨ ଯୁବକ ବାଇକ୍‌ରେ ଆସି ତାଙ୍କୁ ଝାରସୁଗୁଡା ରାସ୍ତା ପଚାରିଥିଲେ। ଏହି ସମୟରେ ସେ ସ୍କୁଟି ଅଟକାଇବା ପରେ ହଠାତ୍ ବାଇକ୍ ପଛରେ ବସିଥିବା ଯୁବକ ତାଙ୍କ ବେକରୁ ହାର୍ ଲୁଟ୍‌କରି ଫେରାର୍ ହୋଇଯାଇଥିଲେ। ଶିକ୍ଷୟିତ୍ରୀ ପାଟି କରିବାରୁ ସ୍ଥାନୀୟ ଲୋକେ ଜମା ହୋଇ


ଗିରଫ ୨ ଲୁଟେରା।

### ଲୁଟ୍ ହାର, ବ୍ୟବହୃତ ବାଇକ୍ ଜବତ

ପୋଲିସ୍‌କୁ ଜଣାଇଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ସେମାନଙ୍କୁ ରେଳଫାଟକ ନିକଟରେ ଧରିଥିଲା। ସେମାନଙ୍କୁ ଜେରା କରି ପୋଲିସ ଜାଣିବାକୁ ପାଇଛି ଉଭୟ ୧୦ଦିନ ହେଲା ଝାରସୁଗୁଡାରେ ବୁଲାବୁଲି କରି ଲୁଟ୍‌ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅଭିଯୁକ୍ତ ଦ୍ୱୟ କଟକ, ଢେଙ୍କାନାଳ ଆଦି ଜିଲାରେ ଲୁଟ୍ କରିଥିବା ଜଣାପଡିଛି। ରାଜ୍ୟର ବିଭିନ୍ନ ଥାନାରେ ଏମାନଙ୍କ ନାମରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏମାନେ ବସ୍‌ରେ ବାଇକ୍ ବୋଝେଇକରି ବିଭିନ୍ନ ସ୍ଥାନକୁ ଯାଇ ଲୁଟ୍‌କରି ପୁଣି ଅନ୍ୟ ସ୍ଥାନକୁ ଫେରାର୍ ହୋଇଯାଇଥାନ୍ତି।

### ଚୋରା ବାଲି ଚାଲାଣ ବେଳେ ଗାଡ଼ି ଜବତ

କୁତ୍ରା, (ଡି.ଏନ.ଏ)-ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବାଲି ଚୋରା ବେପାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।ବର୍ଷାଦିନ ନଯାଉଣୁ ବର୍ତ୍ତମାନ ବାଲି ଚୋରାବେପାରୀ ସକ୍ରିୟ ହେଲେଣି । ଗୁରୁବାର କୁତ୍ରା ତହସିଲ ଅନ୍ତର୍ଗତ ଦଲକି ସ୍ଥିତ ଶଙ୍ଖ ନଦୀ ପଠାରୁ ବାଲି ବିନା ଟିପିରେ ଦଲକିଠାରୁ ବାଲି ଉଠାଇ ନେଉଥିବା ବେଳେ କୁତ୍ରା ତହସିଲ ନିକଟରେ ଅତିରିକ୍ତ ତହସିଲଦାର ହାବିଲ ଖାଖା ଦୁଇଟି ହାଇୱାକୁ ଅଟକାଇଥିଲେ । ତେବେ ସେ ଦଲକିରୁ ବାଲି ଆଣୁଥିବା ବେଳେ ସବଡେଗାର ଟିପି ଦେଖାଇ ଖସି ଯିବାକୁ ବସିଥିଲେ । ପରେ ଉଭୟ ଗାଡିକୁ ଅଟକ ରଖି ଗୋଟିଏ ଗୋଟିଏ ଗାଡିକୁ ୧୫ ହଜାର ଲେଖାଏଁ ୩୦ ହଜାର ଟଙ୍କା ଫାଇନ କରାଯାଇଛି ।

## ସଂକ୍ଷେପରେ

### ଦୁଇଟି ସ୍ଥାନରେ ଦୋକାନରୁ ଚୋରି

ବଡ଼ଗାଁ, ୯।୯(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଠାରୁ ୫ଶହ ମିଟର ଦୂରରେ ଅବସ୍ଥିତ ମୋବାଇଲ ଦୋକାନର ପଛପଟ ଆଜବେଷ୍ଟସ ଭାଙ୍ଗି ଓ କଟରରେ ଲୁହା କାଟି ଚୋରମାନେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ କେତେକ ସାମଗ୍ରୀ ଚୋରି କରିନେଇଛନ୍ତି। ସମ୍ବଲପୁର ଜିଲା ବାମରାର ରାହୁଲ ସାଓଙ୍କ ଏକ ମୋବାଇଲ ଦୋକାନ ବଡ଼ଗାଁ ବସଷ୍ଟାଣ୍ଡଠାରେ ଅଛି। ମଙ୍ଗଳବାର ରାତିରେ ଆଜବେଷ୍ଟସ ଭାଙ୍ଗି ୧୨ଟି ଆଣ୍ଡରଏଡ୍ ମୋବାଇଲ ଚୋରି କରି ଦୁର୍ବୃତ୍ତମାନେ ଅବାଧରେ ଚାଲିଯିବାକୁ ସକ୍ଷମ ହୋଇଛନ୍ତି। ଚୋରି ହୋଇଥିବା ମୋବାଇଲଗୁଡ଼ିକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ୨୦୧୭ମସିହାରେ ମଧ ଅନୁରୂପ ଶୈଳୀରେ ୧୦ଲକ୍ଷ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ଗତ କିଛି ମାସ ହେଲା ବଢ଼ିଚାଲିଥିବା ଲକ୍ଷ୍ୟ କରାଯାଇଛି। ବୁଧବାର ରାତିରେ ପାମରା ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କ ପାନ ଦୋକାନର ସମ୍ମୁଖ କବାଟ ଭାଙ୍ଗି ଚୋରମାନେ ୧ହଜାର ଟଙ୍କାର ଗୁଟ୍‌ଖା ଓ ୧୦ହଜାର ଟଙ୍କା ନେଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି।

### ଟ୍ରକ୍ ଧକ୍କାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

କୁତ୍ରା, ୯।୯ (ଡି.ଏନ.ଏ)ସୁନ୍ଦରଗଡ ଜିଲା ୧୦ ନମ୍ବର ରାଜ୍ୟ ରାଜପଥ କୁତ୍ରା ଥାନା ଅନ୍ତର୍ଗତ ଗଡପୋଷ ଛକଠାରେ ଏକ ଟ୍ରକ ଧକ୍କାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡିଛି ଯେ କୁତ୍ରା ବ୍ଲକ ଅନ୍ତର୍ଗତ କାଦୋପଡା ଗ୍ରାମର ଅନାଦି ରଣା(୫୫) ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରନ୍ତି। ସେ ଗୁରୁବାର ଟିକିଲିପଡାରେ କାର୍ଯ୍ୟ ସାରି ସନ୍ଧ୍ୟାରେ ସାଇକେଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଗଡପୋଷ ଛକ ବିଜୁ ଏକ୍ସପ୍ରେସ ୱେ ଉପରେ କୁତ୍ରା ପଟରୁ ସୁନ୍ଦରଗଡ ଆଡକୁ ଯାଉଥିବା ଟ୍ରକ ଧକ୍କା ଦେଇଥିଲା। ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ରାଜଗାଙ୍ଗପୁରସ୍ଥିତ ମର୍ଗ ହାଉସକୁ ନେଇ ରଖା ଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଥିବା ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଧରିବା ପାଇଁ ପୋଲିସ ଉଦ୍ୟମ କରୁଛି।

### ରିଆମାଳ ଥାନା ହୋମଗାର୍ଡଙ୍କ ବଦାନ୍ୟତା



ରିଆମାଳ, ୯।୯ ( ଡି.ଏନ୍.ଏ.)-ଦେବଗଡ଼ ଜିଲା ରିଆମାଳ ଥାନା ଅଧିନରେ ଚାକିରି କରୁଥିବା ହୋମଗାର୍ଡ ଦୁଷ୍ମନ୍ତ ସାହୁ (୨୮) ବଦାନ୍ୟତା ଦେଖାଇଛନ୍ତି। ସେ ୟୁନିୟନ ବ୍ୟାଙ୍କ ଏଟିଏମ୍‌ରେ ୧୦ ହଜାର ଟଙ୍କା ପାଇଥିଲେ। ଟଙ୍କାକୁ ଆଣି ରିଆମାଳ ଥାନାରେ ଜମା କରିଥିଲେ। ପ୍ରକାଶ ଥାଉକି ବୁଡିଦୋ ଗ୍ରାମର ସୁନିଲ ଗଡନାୟକ ୟୁନିୟନ ବ୍ୟାଙ୍କ ଏଟିଏମ୍‌ରୁ ୧୦ହଜାର ଟଙ୍କା ଉଠାଇବା ପାଇଁ ଯାଇଥିଲେ । କିନ୍ତୁ ଯାନ୍ତ୍ରିକ ତୃଟି ଯୋଗୁ ଟଙ୍କା ଏଟିଏମ୍‌ରୁ ବାହାରି ନ ଥିଲା। ସୁନିଲ ଏଟିଏମ୍ ଛାଡି ଗଲା ପରେ ବିଳମ୍ବରେ ଟଙ୍କା ବାହାରି ଥିଲା। ସେହି ସମୟରେ ହୋମଗାର୍ଡ ଦୁଷ୍ମନ୍ତ ସାହୁ ଟଙ୍କା ଉଠାଇବାକୁ ଯିବା ସମୟରେ ସେହି ଟଙ୍କାକୁ ଦେଖିଥିଲେ। ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରାଙ୍କୁ ସେହି ଟଙ୍କା ଦେଇଥିଲେ। ସୁନିଲ ଗଡନାୟକଙ୍କ ଟଙ୍କା ବୋଲି ଜଣାପଡ଼ିବା ପରେ ତାଙ୍କୁ ଥାନାକୁ ଡାକି ଥାନା ଅଧିକାରୀ ଟଙ୍କାକୁ ବରିଷ୍ଠ ଖବରଦାତା ନବକିଶୋର ମହାପାତ୍ରଙ୍କ ଉପସ୍ଥିତିରେ ଦେଇଥିଲେ।

### ଖଡ଼ିରତ୍ନ ପଞ୍ଜିକାରେ ସ୍ଥାନିତ ହେଲା ବଡ଼ଗାଁ ରାମଲୀଳା ଯାତ୍ରା

ବଡ଼ଗାଁ ୯।୯(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଦୁଇରୁ ଅଢେଇ ଶହ ବର୍ଷ ପୂର୍ବେ ପୂର୍ବଜମାନଙ୍କ ଦ୍ୱାରା ଖୋଲାମଞ୍ଚରେ ଅଭିନିତ ରାତ୍ରିକାଳୀନ ରାମଲୀଳା ଯାତ୍ରା ଆରମ୍ଭ ହୋଇ ଏ ଯାଏ ପ୍ରତିବର୍ଷ ହୋଇଆସୁଛି। ଏହି ପ୍ରାଚୀନ ରାମଲୀଳା ଯାତ୍ରା କିପରି ପଞ୍ଜିକାଗୁଡ଼ିକରେ ସ୍ଥାନ ପାଇବ ସେଥିପାଇଁ ୫ବର୍ଷ ହେଲା ବଡ଼ଗାଁର ତୁଷାରରଞ୍ଜନ ପାଣିଗ୍ରାହୀ (କୁନ୍ତୁ) ଚେଷ୍ଟା କରି ଆସୁଥିଲେ। ଆବଶ୍ୟକ ତଥ୍ୟ, ପ୍ରମାଣ ପଣ୍ଡିତଗଣଙ୍କଠାରେ ଦାଖଲକରି ସମଲେଶ୍ୱରୀ ଏବଂ ଖଡ଼ିରତ୍ନ ପଞ୍ଜିକାରେ ସ୍ଥାନିତ କରିବାକୁ ଅନୁରୋଧ କରିଥିଲେ। ଏହି ତଥ୍ୟ, ପ୍ରମାଣ ଆଧାରରେ ବୈଦିକ ବ୍ରାହ୍ମଣ ପରିଷଦ ଓ ମୁକ୍ତିମଣ୍ଡପର ପଣ୍ଡିତମାନଙ୍କ ସହାୟତାରେ ଚଳିତବର୍ଷଠାରୁ ଖଡ଼ିରତ୍ନ ପଞ୍ଜିକାରେ ବଡ଼ଗାଁ ରାମଲୀଳା ଯାତ୍ରା ସ୍ଥାନିତ ହୋଇପାରିଛି। ଏହାକୁ ନେଇ ଜିଲାର ରାମ ସେବକ ଓ ବିଶେଷକରି ଗ୍ରାମବାସୀଙ୍କ ମଧରେ ଆନନ୍ଦ ପ୍ରକଟ କରାଯିବା ସହିତ ତୁଷାରଙ୍କ ଉଦ୍ୟମ ଫଳବତୀ ହୋଇଥିବାରୁ ତାଙ୍କୁ ପ୍ରଶଂସା କରାଯାଇଛି।

# କପଡ଼ା ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି

- ଘଟଣା ଘଟିଲା ଥାନାଠାରୁ ମାତ୍ର ୧୫୦ ମିଟର ଦୂରରେ
- ନଗଦ ଟଙ୍କା ଓ ସୁନା ଗହଣା ସହ ୨୦ଲକ୍ଷର ଡକାୟତି




କପଡ଼ା ବ୍ୟବସାୟୀଙ୍କ ଘର।

ରାଜଗାଙ୍ଗପୁର, ୯।୯(ଡି.ଏନ.ଏ.)

ରାଜଗାଙ୍ଗପୁର ସହରର ପ୍ରତିଷ୍ଠିତ କପଡା ବ୍ୟବସାୟୀ ତଥା ଶ୍ରୀବସ୍ତ୍ରମ କପଡା ଦୋକାନର ମାଲିକ କମଳ ଅଗ୍ରୱାଲଙ୍କ ଘରେ ବୁଧବାର ରାତ୍ରିରେ ସଶସ୍ତ୍ର ଡକାୟତି ହୋଇଛି। ନଗଦ ଟଙ୍କା ସହ ସୁନାଗହଣା ଡକାୟତି ହୋଇଥିବାର ଥାନାରେ ଅଭିଯୋଗ ହୋଇଛି। ଥାନାଠାରୁ ମାତ୍ର ୧୫୦ ମିଟର ଦୂରରେ କମଳଙ୍କ ଘରେ ଏଭଳି ଡକୟତି ହୋଇଛି। ବୁଧବାର ରାତିରେ କମଳ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ତାଙ୍କ ପୁଅବୋହୁ ଅନ୍ୟ ଏକ କୋଠରୀରେ ଶୋଇଥିଲେ। ରାତି ପ୍ରାୟ ୨ଟା ୩୦ରେ ସାତ ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ହାତରେ ଛୁରୀ, ଭୁଜାଲି ଲୁଡାରଡ଼ ଭଳି ମାରଣାସ୍ତ୍ର ଧରି ତାଙ୍କ ଘରେ ପଶିଥିଲେ। ଘର ପଛପଟ କାଛ ଡେଇଁ ସାମ୍ନା କବାଟ ଭାଙ୍ଗି କମଳ ଓ ତାଙ୍କ ସ୍ତ୍ରୀ ଶୋଇଥିବା କୋଠରୀକୁ ପଶି ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ବାନ୍ଧି ଦେଇଥିଲେ। ଆଲମାରି ଓ ଲକର୍ ଭାଙ୍ଗି ତିନିରୁ ଚାରି ଲକ୍ଷ ନଗଦ ଟଙ୍କା ସହ ପ୍ରାୟ ୧୬ ଲକ୍ଷ ଟଙ୍କାର ସୁନାଗହଣା ଧରି ପଳାଇଥିଲେ। ସୌଭାଗ୍ୟ ବଶତଃ କମଳ ଓ ତାଙ୍କ ସ୍ତ୍ରୀଙ୍କର ଡକାୟତମାନେ କୌଣସି ଶାରୀରିକ କ୍ଷତି କରିନାହାନ୍ତି। ଡକାୟତମାନେ ଗଲା ପରେ କମଳ କୌଶଳ କ୍ରମେ ବନ୍ଧା ଖୋଲି ଖାଲି ପାଦରେ ତୁରନ୍ତ ନିକଟସ୍ଥ ଥାନାକୁ ଯାଇ ଘଟଣା ବିଷୟରେ ପ୍ରକାଶ କରିଥିଲେ। କିନ୍ତୁ ଥାନାରେ କେବଳ ଜଣେ ପୋଲିସ କର୍ମଚାରୀ ଥିଲେ। ସେ ଥାନା ଛାଡି କିପରି ଯିବେ ବୋଲି କହିଥିଲେ। ଘଟଣାର ପ୍ରାୟ ଅଧଘଣ୍ଟା ପରେ ପୋଲିସ ସଦଳବଳ ପହଞ୍ଚି ତଦନ୍ତ କରିଥିଲା। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ଥାନାଠାରୁ ମାତ୍ର ୧୫୦ ମିଟର ଦୂରରେ ଏଭଳି ଘଟଣା ଘଟିବା ସାଧାରଣ ଜନତାଙ୍କ ମଧରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋଭିଡ୍ କଟକଣାକୁ ବେଖାତିର

## ୨୩୬ ଶିକ୍ଷକଙ୍କୁ ଡାକି ମିଟିଂ କଲେ ବିଡିଓ

ବଡ଼ଗାଁ, ୯।୯(ଡି.ଏନ୍.ଏ.)

କରୋନା ମହାମାରୀ ସଂକ୍ରମଣ ରୋକିବାକୁ ସରକାର ସଭା, ସମିତି, ବିବାହ, ପୂଜା, ଶୁଦ୍ଧିକ୍ରିୟା ଆଦି ଉପରେ କଟକଣା ଲଗାଇଛନ୍ତି। ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତିଙ୍କୁ ନେଇ ଏହିସବୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ୫୦ଜଣଙ୍କୁ ନେଇ ସଭାସମିତି କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଏହି ନିୟମକୁ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ନ ମାନିବା ଭଳି ଏକ ଦୃଶ୍ୟ ଗୁରୁବାର ସୁନ୍ଦରଗଡ଼ ଜିଲାର ବଡ଼ଗାଁ ବ୍ଲକ ଅଫିସ ସଭା ଗୃହରେ ଦେଖାଯାଇଥିଲା। ପୂର୍ବାହ୍ନରେ ୨୩୬ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ ସମ୍ବନ୍ଧୀୟ ସଭାକୁ ଡକାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ସଭା ଗୃହରେ ଜାଗା ନ ହେବାରୁ ଗୃହରେ ପ୍ରବଳ ଭିଡ଼ ହୋଇଥିଲା। ଶହଶହ ଶିକ୍ଷକ ଅଫିସ ପରିସରରେ ଜମା ହୋଇଥିଲେ। ବର୍ତ୍ତମାନର କୋଭିଡ୍ ଶିଶୁ, ବାଳକମାନଙ୍କୁ ଅଧିକ ସଂକ୍ରମିତ କରିବା ଆଶଙ୍କା କରାଯାଉଥିବାବେଳେ ଏକକାଳୀନ ୨୩୬ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଡକାଇ ସଭା କରିବା ଏତେ ଜରୁରୀ କଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏକ ଘଣ୍ଟିଆ ଏହି ସଭା ପର୍ଯ୍ୟାୟକ୍ରମେ ନ କରି ଶତାଧିକ ଶିକ୍ଷକଙ୍କୁ ଡକାଯିବା କଣ କୋଭିଡ୍ ନିୟମର ଉଲ୍ଲଂଘନ ନୁହେଁ ବୋଲି ପ୍ରଶ୍ନ ଉଠୁଛି। କାହା ପାଇଁ ସରକାର ନିୟମ କରିଛନ୍ତି ଏବଂ କେଉଁମାନଙ୍କ ପାଇଁ କଟକଣା ଛାଡ଼ ତାହା ପ୍ରଶ୍ନ ଉଠୁଛି।

# ଜିଲାପାଳଙ୍କୁ ଭେଟିଲେ ଏକତା ମଞ୍ଚର ମହିଳା



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳା।

ସୁନ୍ଦରଗଡ଼, ୯।୯ (ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକ ବେହେରାଡିହି ଓ କିଞ୍ଜିରିକେଲା ଗ୍ରାମପଞ୍ଚାୟତର ମହିଳାମାନେ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋ, ରଜନୀ କୁଜୁର, ସାମାଜିକ ଅନୁଷ୍ଠାନ ସିଆଇଆରଡିର ସଦସ୍ୟା ଅହଲ୍ୟା ସାଙ୍କ ନେତୃତ୍ୱରେ ଏହି ମହିଳା ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିଥିଲେ। ବେହେରାଡିହି ଓ କିଞ୍ଜିରିକେଲା ଗ୍ରାମପଞ୍ଚାୟତରେ ଥିବା ବୟସ୍କ ବ୍ୟକ୍ତିମାନେ ରାଶନ ଆଣିବା ପାଇଁ ପଞ୍ଚାୟତ ଅଫିସକୁ ଯିବା ଆସିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ପ୍ରତ୍ୟେକ ଗ୍ରାମରେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀମାନଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେବା, କିଞ୍ଜିରିକେଲା ମୁଖ୍ୟ ରାସ୍ତାରୁ ମାରିୟାମପୁରକୁ କଂକ୍ରିଟ ରାସ୍ତା ନିର୍ମାଣ, ଗିଧପାହାଡି ପ୍ରାଥମିକ ବିଦ୍ୟାଳୟରେ ନଳକୂପ ସ୍ଥାପନ ଏବଂ ବେହେରାଡିହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଡାକ୍ତରଖାନାକୁ ନେବା ଆଣିବା ପାଇଁ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ଏନେଇ ଏକ ସ୍ମାରକପତ୍ର ଦେଇଥିଲେ।

### ଏସ୍‌ସି ଓ ଏସ୍‌ଟି କଣ୍ଟ୍ରାକ୍ଟର ସଂଘ ଗଠିତ

ଦେବଗଡ଼,୯।୯(ଡି.ଏନ୍.ଏ.)

ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାଠାରେ ଜିଲାର ଏସ୍‌ସି ଏବଂ ଏସ୍‌ଟି କଣ୍ଟ୍ରାକ୍ଟରମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣ୍ଟ୍ରାକ୍ଟରମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ କିଭଳି ଏସବୁର ସମାଧାନ କରାଯାଇପାରିବ ସେ ସମ୍ପର୍କରେ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏସ୍‌ସି. ଏବଂ ଏସ୍‌ଟି କଣ୍ଟ୍ରାକ୍ଟର ସଂଘ ନାମରେ ଏକ ସଂଘ ଗଠନ କରାଯିବା ସହ ଅସ୍ଥାୟୀ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଂଘର ସଭାପତି ଭାବେ ହରେକୃଷ୍ଣ ବେହେରା, ସମ୍ପାଦକ ଭାବେ ପ୍ରଜିତ କୁମାର ଭୋଇ ଓ କୋଷାଧ୍ୟକ୍ଷ ଭାବେ ଝସକେତନ ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଏହି ବୈଠକରେ କଣ୍ଟ୍ରାକ୍ଟର ଆଲୋକ କୁମାର ଗୁରୁ, କ୍ଷୀତିଶ କୁମାର ନାଏକ, ସୁଶାନ୍ତ କୁମାର ସୁନା, ସୁକାନ୍ତ କୁମାର ସୂର୍ଯ୍ୟ, ବିରେନ୍ଦ୍ର ବେହେରା, ଶିବ କୁମାର ନାଏକ, ପୁନିଆ ମୁଣ୍ଡା, ବସନ୍ତ ଟେଟେ ଓ ଦେବାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



ସନ୍ତାଦେବୀ ଉଚ୍ଚବିଦ୍ୟାଳୟରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯାଉଛି।

କୁତ୍ରା, ୯।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ସ୍ଥିତ ସନ୍ତାଦେବୀ ଉଚ୍ଚବିଦ୍ୟାଳୟରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନିକାନ୍ତ ସାସନୀ, ଜିଲା ଓଷ୍ଟାର ସଭାପତି ବିଭୀଷଣ ବାରିକ, ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ ସିଂହ, ସଦସ୍ୟ କର୍ଣ୍ଣଦାନୀ ବାଂକ୍ରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥୋମାସ ବିଲୁଙ୍ଗ, ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ସିଂ, ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଗୋପାଳକୃଷ୍ଣ ଦାସ, ଭିକାରି ଦାସ, ପ୍ୟାରେଲାଲ ସାହୁ, ବିଜୟ କେର୍କେଟା, ଉଦିତ ସିଂହ ଓ ରବିକୁମାର ଅଂଶଗ୍ରହଣ କରିଥିଲେ।

# ବିଜେଡିର ପଞ୍ଚାୟତସ୍ତରୀୟ କମିଟି

କୁତ୍ରା, ୯।୯(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ବିଜୁ ଜନତା ଦଳ (ବିଜେଡି)ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ଗୁରୁବାର କୁତ୍ରା ବ୍ଲକ ଅନ୍ତର୍ଗତ କିରିଂଗସିରା, ପଞ୍ଚରା ଏବଂ କନ୍ଦେଇମୁଣ୍ଡା ୩ଟି ପଞ୍ଚାୟତରେ ବିଜେଡି ପକ୍ଷରୁ ସଭା ସମିତି କରାଯାଇ ପଞ୍ଚାୟତ କମିଟି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଗାମୀ ସୁନ୍ଦରଗଡ ଜିଲା ଗସ୍ତକୁ ସଫଳ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବଣ୍ଟନ କରାଯିବାକୁ ଥିବା ସ୍ୱାସ୍ଥ୍ୟ କାର୍ଡର ସୁବଣ୍ଟନ ବ୍ୟବସ୍ଥା ପାଇଁ ମଧ ଆଲୋଚନା ହୋଇଥିଲା। କୁତ୍ରା ବ୍ଲକ ବିଜେଡି ସଭାପତି ପ୍ରସନ୍ନ ବାଘଙ୍କ ନେତୃତ୍ୱରେ ବ୍ଲକ ଯୁବ ବିଜେଡି ସଭାପତି ବିନୋଦ ଟପ୍ପୋ, ଯୁବ ବିଜେଡି ଜିଲା ସମ୍ପାଦକ ପିତାମ୍ବର ଜୟପୁରିଆ, ଆଗୁଷ୍ଟିନ ମିଞ୍ଜ, ଅର୍ଜୁନ ଜୟପୁରିଆ, କଳାକାର ମିଞ୍ଜ, ରାଜ କୁମାର ମାଝି, ରମେଶ ଏକ୍କା, ଗଙ୍ଗାରାମ ସିଂ, ପିତାମ୍ବର ଜୟପୁରିଆ, ମିଶ୍ର ଗନ୍ଧା, ଦେବାନନ୍ଦ ଲାକଡା ପ୍ରମୁଖ ବିଜେଡି ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପଞ୍ଚାୟତସ୍ତରର କର୍ମୀମାନଙ୍କ ସହ କମିଟି ଗଠନ ନେଇ ଆଲୋଚନା ସହ ତୃଣମୂଳସ୍ତରରେ ଦଳକୁ ସୁଦୃଢ କରିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା।

# ୨ ବାଇକ୍ ମଧ୍ୟରେ ଧକ୍କା: ୨ମୃତ, ୨ ଗୁରୁତର

ବଡ଼ଗାଁ, ୯।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗାଁ ନିକଟ ୧୦ନଂ. ରାଜ୍ୟ ରାଜପଥରେ ବୁଧବାର ରାତି ସାଢେ ୯ଟାରେ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କଣ୍ଟିଆମୁରା ଗ୍ରାମର ଅନିଲ ଖଡ଼ିଆ (୩୮) ଓ ବାଇବାଇ ଗ୍ରାମର ସଞ୍ଜୟ କିଷାନ (୨୨)।

ପ୍ରକାଶ ଯେ, ଅନିଲ ଓ ବିରଙ୍ଗାଟୋଲି ଗ୍ରାମର ବୈଦ୍ୟନାଥ ନାଏକ(୬୦) ରାଜଗାଙ୍ଗପୁରରେ ଏକ କମ୍ପାନୀରେ ଡ୍ୟୁଟିସାରି ଘରକୁ ବାଇକ୍‌ରେ ଫେରୁଥିଲେ। ସଞ୍ଜୟ ଓ ତାଙ୍କର ସମ୍ପର୍କୀୟ ଭାଇ ଧରୁଆଡିହି ଥାନା ଲମତି ଗ୍ରାମର ଦେବାନନ୍ଦ କିଷାନ(୨୨) ଅନ୍ୟ ଏକ ବାଇକ୍‌ରେ ବାଇବାଇ ଗ୍ରାମକୁ ଫେରୁଥିଲେ। କଣ୍ଟିଆମୁରା ଗାଁ ନିକଟରେ ରାସ୍ତା ଅତିକ୍ରମ କରିବାବେଳେ ଦୁଇ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଅନିଲଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କ ମୃତ୍ୟୁ ହୋଇଛି।

# କୁକୁଡ଼ା ଲଢ଼େଇ, ଜୁଆ ଆଡ୍ଡା ଉପରେ ଚଢ଼ାଉ

## ନଗଦ ଟଙ୍କା ସହ ୪ ବାଇକ୍ ଓ ୪ ବୋଲେରୋ ଜବତ: ୧୫ ଗିରଫ



ଜୁଆଆଡ୍ଡାରୁ ଜବତ ହୋଇଥିବା ସାମଗ୍ରୀ।

ଦେବଗଡ଼,୯।୯(ଡି.ଏନ୍.ଏ.)

ଦେବଗଡ ଥାନା ପଞ୍ଚମହଲା ଗ୍ରାମ ନିକଟସ୍ଥ ଚୁଳିଆ ପାହାଡରେ ବେଆଇନ କୁକୁଡା ଲଢେଇ ଚାଲିଥିବାବେଳେ ଦେବଗଡ଼ ଥାନା ପୋଲିସ ସେଠାରେ ଅତର୍କିତ ଚଡାଉ କରି ନଗଦ ଟଙ୍କା ସହ ୪ଟି ବାଇକ, ୪ଟି ଚାରିଚକିଆ ଯାନ, ୨ଟି ଲଢୁଆ କୁକୁଡା ଓ ୧୨ଟି ମୋବାଇଲ ଫୋନ ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ଥାନା ଓ ବାରକୋଟ ଥାନା ସୀମାରେ ଥିବା ପଞ୍ଚମହଲା ନିକଟସ୍ଥ ଚୁଳିଆ ପାହାଡରେ ବୁଧବାର ସନ୍ଧ୍ୟାରେ ଗୁପ୍ତ ଭାବେ ବେଆଇନ କୁକୁଡା ଲଢେଇ ଏବଂ ଜୁଆ ଆଡ୍ଡା ଚାଲିଥିଲା। କୌଣସି ସୂତ୍ରରୁ ସୂଚନାପାଇ ଦେବଗଡ ଏସ୍‌ପି ରାଜକିଶୋର ପାଇକରାୟ ସେଠାରେ ଚଡାଉ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ତଥା ଦେବଗଡ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍କ୍ୱାଡ୍ ସନ୍ଧ୍ୟା ପ୍ରାୟ ୫ଟାରେ ଉକ୍ତ ଆଡ୍ଡା ଉପରେ ଅତର୍କିତ ଚଡାଉ କରିଥିଲେ। ଚଡାଉ ସମୟରେ ପୋଲିସକୁ ଦେଖି କେତେଜଣ ଫେରାର୍ ହୋଇଯାଇଥିବାବେଳେ ୧୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ଲଢୁଆ କୁକୁଡା, ନଗଦ ୧୧୨୪୦ ଟଙ୍କା, ୪ଟି ୨ ଚକିଆ ଯାନ, ୪ଟି ଚାରିଚକିଆ ଯାନ, କାତି ଲାଗିଥିବା ୨ଟି ଲଢୁଆ କୁକୁଡା ଓ ୧୨ଟି ମୋବାଇଲ ଫୋନ ଜବତ କରିଥିଲା।

# କୋଇଡ଼ାକୁ ହରାଇ ସୁନ୍ଦରଗଡ଼ ଚାମ୍ପିୟନ

## ଜିଲାସ୍ତରୀୟ ଆନ୍ତଃବ୍ଲକ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ




ଆନ୍ତଃବ୍ଲକ ଫୁଟବଲ ଚାମ୍ପିୟନଶିପ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼, ୯।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଜିଲାସ୍ତରୀୟ ଆନ୍ତଃବ୍ଲକ ଫୁଟବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଦର ବ୍ଲକ କିଞ୍ଜିର୍ମା ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସଦର ବ୍ଲକ ଦଳ ୩-୦ ଗୋଲରେ କୋଇଡା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ର ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ଜିଲା କ୍ରୀଡା ସଂସଦର ସହସମ୍ପାଦକ ଜୟଦେବ ପାତ୍ର, ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକ, ସୁନ୍ଦରଗଡର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜୟନାରାୟଣ ତ୍ରିପାଠୀ, ଜିଲା ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ, କିଞ୍ଜିର୍ମା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ଚୌଧୁରୀ, ବିଶ୍ୱନାଥ ତ୍ରିପାଠୀଙ୍କ ସମେତ ଜିଲା କ୍ରୀଡା ସଂସଦର କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂସଦର ସଦସ୍ୟ ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ଚାମ୍ପିୟନଦଳକୁ ନଗଦ ୫୦ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ୩୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ କଲିକତାରୁ ଆଗତ କୁଶଳୀ ପ୍ରଦର୍ଶକ ପ୍ରଦୀପ କୁମାର ତାଙ୍କର ଅପୂର୍ବ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବିମୋହିତ କରି ଦେଇଥିଲେ। ଜିଲା କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ଏହି ଫୁଟବଲ ଚାମ୍ପିୟନଶିପ୍ ୧୭ଟି ବ୍ଲକରେ ଆରମ୍ଭ ହୋଇ ୪ଟି ଜୋନ୍ ବିଭକ୍ତ କରି ଫାଇନାଲ ପର୍ଯ୍ୟାୟ ଖେଳ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ୪୦୬ଟି ଦଳର ୭ ହଜାରରୁ ଉର୍ଦ୍ଧ୍ୱ ଖେଳାଳି ଭାଗନେଇଥିବା ବେଳେ ୩୯୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

**ଗୋୟଲ ପରିବାର ପକ୍ଷରୁ ଭାଗବତ କଥା**

ନୂଆପଡ଼ା ଅଫିସ,୯।୯: ନୂଆପଡା ଜିଲା ଖରିଆର ରୋଡସ୍ଥିତ ଗଣପତି ପେଲେସଠାରେ ଗୋୟଲ ପରିବାର ପକ୍ଷରୁ ଭାଗବତ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗବତ କଥା ୭ ଦିନ ଧରି ଚାଲିବ। ଗୁରୁବାର ଖରିଆର ରୋଡ ରାମ ମନ୍ଦିରଠାରୁ ଏକ କଳସ ଶୋଭାଯାତ୍ରା ବାହାରି ଗଣପତି ପେଲେସରେ ସ୍ଥାପନ କରାଯାଇ ଭାଗବତ କଥା ଚରିତ୍ର ଆରମ୍ଭ କରାଯାଇଥିଲା। ପ୍ରତିଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାଗବତ କଥା ଅନୁଷ୍ଠିତ ହେବ। ପଣ୍ଡିତ ବିଜୟ ମହେତା ଭାଗବତ କଥା ଚରିତ୍ର ପାଠ କରିବେ ବୋଲି ରମେଶ ଅଗ୍ରୱାଲ, ରାଜୁ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପିକ୍ଅପ୍‌ରେ ପିଟି ହୋଇ ବାଇକ ଆରୋହୀ ମୃତ

**ବାଉଁଶୁଣୀ,୯।୯(ଡି.ଏନ.ଏ.):** ବୌଦ୍ଧ ଜିଲା ୫୭ନଂ ଜାତୀୟ ରାଜପଥର ବଲାସିଙ୍ଗା ନିକଟରେ ପିକଅପ ପଛରେ ପିଟି ହୋଇ ଯାଇଛି ଜଣେ ବାଇକ ଆରୋହୀଙ୍କ ଜୀବନ। ମୃତକ ହେଲେ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ତାଲପଦର ଗ୍ରାମର ସୁବଳ ବେହେରା। ସେ ଗମ୍ଭାରୀପଦର ଗ୍ରାମ ନିକଟରେ ଏକ ଗ୍ୟାରେଜ କରିଥିଲେ। ସୁବଳ ବାଇକ ନଂ ଓଆର ୧୨ଏ ୨୧୦୯ରେ ଗ୍ୟାରେଜରୁ ଘରକୁ ଫେରୁଥିବା ବେଳେ ବଲାସିଙ୍ଗା ନିକଟରେ ଆଗରେ ଯାଉଥିବା ଏକ ପିକଅପ(ନଂ.ଏପି ୧୦ୱାଇ୧୨୩)କୁ ପଛରୁ ଧକ୍କା ଦେଇଥିଲେ। ଏଥିରେ ତାଙ୍କ ମୁହଁ ଓ ଛାତିରେ ଗଭୀର ଆହତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ନେବା ବାଟରେ ସୋନପୁରଠାରେ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ସୋନପୁର ଡାକ୍ତରଖାନାରେ ନେଇ ରଖାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### କରୋନାରେ ମୃତ ଭାଜପା ନେତାଙ୍କ ପରିବାରକୁ ସମବେଦନା

**ବାଉଁଶୁଣୀ,୯।୯(ଡିଏନ.ଏ.):** ବୌଦ୍ଧ ବ୍ଲକ ତାଲସରଡ଼ା ପଞ୍ଚାୟତ ଅନ୍ତର୍ଗତ ଡମ୍ବରୁଗାଡ ଗ୍ରାମର ବାସୀନ୍ଦା ତଥା ଭାଜପା ନେତା କାର୍ତ୍ତିକ ମହାକୁଡ଼ଙ୍କର କରୋନାରେ ମୃତ୍ୟୁ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ବୁଧବାର ଦିବଂଗତ ଭାଜପା ନେତା କାର୍ତ୍ତିକଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ସହିତ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ପ୍ରଧାନ, ପୂର୍ବତନ ଜିଲା ସଭାପତି ମାଗୁଣି ଗାଈଗୋରିଆ, ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଟଳ ପଧାନ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଡମ୍ବରୁଧର କହଁର, ମଣ୍ଡଳ ସଭାପତି ଯୀଶୁ ପଧାନ, ଅନୀଲ ପ୍ରଧାନ ପ୍ରମୁଖ ଯାଇଥିଲେ। ପ୍ରକାଶ ଯେ, ଜିଲା ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ଥିଲେ। ଗତ ଜୁନ ୫ତାରିଖରେ କରୋନା ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବଜ୍ରପାତରେ ଯୁବକ ମୃତ

**ବଲାଙ୍ଗୀର ଅଫିସ,୯।୯:** ବଲାଙ୍ଗୀର ପୁଇଁତଲା ଥାନା ଅନ୍ତର୍ଗତ ବିଲେଇସର୍ଡା ଗ୍ରାମରେ ଗୁରୁବାର ଅପରାହ୍ଣରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ୍ଦ୍ର ନାଏକ (୪୬)। ସନ୍ଧ୍ୟାରେ ନଦୀରୁ ଶୌଚ ହୋଇ ଫେରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବଜ୍ରପାତରେ ତାଙ୍କ ପିଠି ଜଳିଯାଇଥିଲା। ଘଟଣାସ୍ଥଳରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯିବା ପରେ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ଘୋଷଣା କରିଥିଲେ। ମୃତଦେହକୁ ଶବାଗାରରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତାଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ସରଣ୍ଡା,୯।୯(ଡି.ଏନ.ଏ.):** ପାରା ବ୍ୟାଡ଼ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଟୋକିଓ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ପ୍ରଥମ କରି ଅତାବିରା ଆସୁଛନ୍ତି। ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ସ୍ଥାନୀୟ ଅଗ୍ରସେନ ଭବନଠାରେ ପ୍ଲେୟାର୍ସ କ୍ଲବ ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ତାରିଖରେ ସେ ଅତାବିରାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ତେଣୁ ତାଙ୍କୁ ସ୍ୱାଗତ କରାଯିବା ଉପରେ ଆଲୋଚନା ହୋଇଥିଲା। ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ସୀମା ଗୋଡ଼ଭଗା ଛକରୁ ପ୍ରମୋଦଙ୍କୁ ଏକ ବିଶାଳ ବାଇକ ରାଲି ମାଧମରେ ଅତାବିରା ସମ୍ବର୍ଦ୍ଧନା ସ୍ଥଳକୁ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ରବିନାରାୟଣ ପଣ୍ଡା ଏବଂ କୌଶିକ ମହାକୁରଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ବିଭିନ୍ନ ସଂଘ ସମେତ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଦ୍ୱିଗୁଣା ଦାମରେ ସାର କିଣୁଛନ୍ତି ଚାଷୀ

**ସୁବର୍ଣ୍ଣପୁରରେ ୟୁରିଆ ସାର କଳାବଜାର**

- ରିଟେଲରଙ୍କୁ ଅନୁକମ୍ପା ଦେଖାଉଛି ପ୍ରଶାସନ

ସୋନପୁର,୯।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ୟୁରିଆ ସାରର ବ୍ୟାପକ କଳାବଜାର ହେଉଛି। ଜିଲାକୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ ସତ୍ତ୍ୱେ ଚାଷୀଙ୍କୁ ସାର ବସ୍ତା(୪୫ କିଲୋଗ୍ରାମ) ପ୍ରତି ୨୦୦ରୁ ୩୦୦ଟଙ୍କା ଅଧିକ ଦେବାକୁ ପଡୁଛି। ବ୍ୟବସାୟୀଙ୍କ ଦ୍ୱାରା ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। କଳାବଜାରରେ ସମ୍ପୃକ୍ତ ପ୍ରାଇଭେଟ୍ ରିଟେଲରଙ୍କୁ ପ୍ରଶାସନ ଅନୁକମ୍ପା ଦେଖାଉ ଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ ଚାଷୀଙ୍କୁ ୟୁରିଆ ସାର ବସ୍ତା ପ୍ରତି ସରକାରଙ୍କ ସବ୍‌ସିଡି ଦର ୨୬୬ଟଙ୍କା ୫୦ପଇସାରେ ମିଳିବା କଥା। ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି) ଚାଷୀଙ୍କୁ ସଠିକ୍ ଦରରେ ସାର ଯୋଗାଉଛି । କିନ୍ତୁ ପ୍ରାଇଭେଟ୍ ରିଟେଲର ଦ୍ୱିଗୁଣ ଦରରେ ସାର ବିକ୍ରି କରୁଛନ୍ତି। ଚାଷୀଙ୍କୁ ସୁଷମ ବଣ୍ଟନ ଓ ଦୁର୍ନୀତି ରୋକିବା ପାଇଁ ସରକାର ପଏଣ୍ଟ ଅଫ ସେଲ(ପସ୍ ମେଶିନ) ଦ୍ୱାରା ସାର ବିକ୍ରି କରୁଛନ୍ତି। ଚାଷୀଙ୍କ ଆଧାର କାର୍ଡ ଓ ବାୟୋମେଟ୍ରିକସ୍ ବ୍ୟବହାର ହେଉଛି। ମାତ୍ର ତା ପରେ ବି ସ୍ୱଚ୍ଛତା ରହୁନି।

ଜିଲାରେ ଚଳିତ ଖରିଫରେ ୯୬ ହଜାର ୫୦୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ଥିଲା। ତଦନୁଯାୟୀ ସାର ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରା ଯାଇଥିଲା। ତଦନୁଯାୟୀ ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି ଜିଲାକୁ ଚାହିଦା ମୁତାବକ ମୋଟ ୧୮୨୫୦ ମେଟ୍ରିକ୍ ଟନ୍ ସାର ଆସିଥିବା ତଥ୍ୟରୁ ଜଣାପଡିଛି। ଜିଲାର ଚାଷୀଙ୍କୁ ୮୫୦୦ ମେଟ୍ରିକ୍ ଟନ ୟୁରିଆ ସାର ଆବଶ୍ୟକ ଥିବା ବେଳେ ସବୁତକ ସାର ପହଞ୍ଚି ସାରିଛି। ୬୬ଟି ପ୍ୟାକ୍ସ ଓ ୨୯୨ଟି ରିଟେଲରଙ୍କ ଜରିଆରେ ଚାଷୀଙ୍କୁ ସାର ବିକ୍ରି କରାଯାଉଛି। ସ୍ୱଳ୍ପ ବୃଷ୍ଟି ପାଇଁ ଏହି ଜିଲାରେ ଚଳିତ ଥର ଧାନ ଚାଷ ଲକ୍ଷ୍ୟ ପୂରଣ ହୋଇନି। କିନ୍ତୁ ଚାଷୀଙ୍କ ଆବଶ୍ୟକତା ଥିବା ବେଳେ ୟୁରିଆ ସାରର ନିଅଣ୍ଟ ଦେଖାଦେଇଛି। ବିନିକା ବ୍ଲକ ସିଂଘିଯୁବାର ଚାଷୀ ଅତିଶ କର୍ଣ୍ଣ କୁହନ୍ତି, ହୋଲସେଲରମାନେ ଗୋଦାମରେ ସାର ମହଜୁଦ୍ ରଖି କୃତ୍ରିମ ଅଭାବ ସୃଷ୍ଟି କରିଛନ୍ତି। ରିଟେଲର ମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଚାଷୀ ଶୋଷିତ ହେଉଛି। ଗୋଦାମ ଯାଞ୍ଚ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାରେ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି। ସର୍ଗୁଣାର ଚାଷୀ ଟିକେଲାଲ କଳିତାଙ୍କ କହିବାନୁସାରେ ଯେଉଁ ରିଟେଲର ଅଧିକ ଦରରେ ସାର ବିକ୍ରି କରୁଛି ପ୍ରଶାସନ ସେମାନଙ୍କ ଲାଇସେନ୍ସ କ୍ୟାନସେଲ କରୁନି। ଏହା ପରୋକ୍ଷରେ କଳାବଜାରୀଙ୍କୁ ପ୍ରୋତ୍ସାହିତ କରୁଛି। ତେବେ କରୋନା ମହାମାରୀ ସମୟରେ ଏହି ସାର ସଙ୍କଟ ମନୁଷ୍ୟକୃତ ବୋଲି ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠ ନାଥ ଶତପଥୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଅଧିକ ଦରରେ ସାର ବିକ୍ରି ହେଉଥିବା ଖବର ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନିୟମିତତାର ପ୍ରମାଣ ମିଳିବାରୁ ନିକଟରେ ଡୁଙ୍ଗୁରିପାଲିର ୨ ଜଣ ରିଟେଲରଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଥିବା ସେ କହିଥିଲେ।

# ଅସହ୍ୟ ହେଉଛି ଯନ୍ତ୍ରଣା



ଶଯ୍ୟାଶାୟୀ ଟେନୁଙ୍କ ପାଖରେ ନିରୂପମା।

- ପେଟ ରୋଗରେ ଛଟପଟ ଟେନୁ
- ଚିକିତ୍ସା ପାଇଁ ଅର୍ଥ ନାହିଁ
- ଘର ଚଳାଇବାକୁ ପାଠପଢ଼ା ଛାଡ଼ିଲେ ଏକମାତ୍ର ପୁଅ

ଖପ୍ରାଖୋଲ, ୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାର ଟେନୁ ବେହେରା(୪୫)। ଦୁଇବର୍ଷ ହେଲା ସେ ଶଯ୍ୟାଶାୟୀ। ପରିଶ୍ରା ସ୍ୱାଭାବିକଭାବେ ହେଉ ନ ଥିବାରୁ ପେଟ ବଡ ହୋଇଯାଉଛି। ବଲାଙ୍ଗୀର, ବୁର୍ଲାରେ ଚିକିତ୍ସିତ ହୋଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଉଚ୍ଚ ଚିକିତ୍ସା ପାଇଁ ପାଖରେ ଟଙ୍କା ନାହିଁ। ସ୍ତ୍ରୀ ନିରୂପମା, ୧୭ ବର୍ଷର ପୁଅକୁ ନେଇ ଟେନୁଙ୍କ ପରିବାର। ଟେନୁ ସୁସ୍ଥ ଥିବାବେଳେ ମୂଲ ମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଯେମିତି ସବୁ ବଦଳି ଯାଇଛି। ଦୁର୍ଦ୍ଦିନ ମଧ୍ୟକୁ ସେ ଆସି ଯାଇଛନ୍ତି। ଯୁକ୍ତ ୨ରେ ନାମ ଲେଖାଇଥିବା ପୁଅର ପାଠପଢାରେ ଡୋରି ବନ୍ଧା ହୋଇଛି। ପରିବାର ଚଳାଇବା ପାଇଁ ସେ ଏବେ ମଜୁରି କରୁଛନ୍ତି। ନିରୂପମା ସ୍ୱାମୀଙ୍କ ସେବା ସୁଶ୍ରୁସା ପାଇଁ କେଉଁଆଡେ କାମ କରିବାକୁ ଯାଇ ପାରୁ ନାହାନ୍ତି। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫ କିଲୋ ଚାଉଳ ହିଁ ଭରଷା । ଟେନୁଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

# ଲୋକଙ୍କୁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ପାଇଁ ଗୁରୁତ୍ୱାରୋପ




ସ୍ୱାସ୍ଥ୍ୟସେବା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୯।୯

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଗୁରୁବାର ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭରସା ପରିବାର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି, ସ୍ୱାସ୍ଥ୍ୟବୀମା ଯୋଜନା, ଭିନ୍ନକ୍ଷମ ଯୋଜନା, ଭୀମସାର ବୁର୍ଲା ଡାକ୍ତରଖାନାରେ ମିଳୁଥିବା ସ୍ୱାସ୍ଥ୍ୟସେବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା । ଲୋକେ ସରକାରଙ୍କ ବହୁମୁଖୀ ସ୍ୱାସ୍ଥ୍ୟସେବା ଯୋଜନା ଉପରେ ଠିକ୍ ଭାବେ ଅବଗତ ନ ଥିବାରୁ ସେଥିରୁ ବିଭିନ୍ନ ସମୟରେ ବଞ୍ଚିତ ହେଉଥିବା ମତପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ ଭରସା ପରିବାର ରେଡ଼କ୍ରସ ଜରିଆରେ ଲୋକଙ୍କୁ ସାହାଯ୍ୟ କରିଆସୁଛି ବୋଲି ଭରସା ପରିବାର (ସ୍ୱାସ୍ଥ୍ୟ ବିଭାଗ)ର ମୁଖ୍ୟ ସଂଯୋଜକ ନିହାଲ ସିଂ କହିଥିଲେ।

ସେହିପରି ପଦ୍ମଶ୍ରୀ ଡଃ ହଳଧର ନାଗ, ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ, ଭୀମସାର୍, ବୁର୍ଲାର ଡା. ଜଗନ୍ନାଥ ହାତୀ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ଭରସା ପରିବାର (ରକ୍ତଦାନ ବିଭାଗ)ର ମୁଖ୍ୟ ସଂଯୋଜକ ବିନାୟକ ଦ୍ୱାରି, ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସରକାର ବିଭିନ୍ନ ଯୋଜନାରେ ଯୋଗାଇ ଆସୁଥିବା ସ୍ୱାସ୍ଥ୍ୟସେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବୁର୍ଲା ରକ୍ତଭଣ୍ଡାରରେ କୌଣସି ରୋଗୀ ଯେଭଳି ରକ୍ତ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ଆଲୋଚନା ହୋଇଥିଲା। ଏଭଳି ସ୍ଥଳେ ଭରସା ପରିବାରର ସହଯୋଗ ନେବାକୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ୨୨ଜଣ ରେଡ଼କ୍ରସ ସହଯୋଗୀ ସଦସ୍ୟତା ଗ୍ରହଣ କରିଥିଲେ। ବରଗଡ଼ ଜିଲା ସଂଯୋଜକ ଅଳଂକୃତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା ଅଫିସ,୯।୯

ନୂଆପଡା ଜିଲା ଖଡିଆଳ ଥାନା କିରିକିଟା ପଞ୍ଚାୟତ ବଜାର ଛକଠାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କିରିକିଟା ଗାଁର ମଧୁ ମାଝି (୨୦)। ସୂଚନା ଯେ, ବୁଧବାର ମଧୁ ବାଇକ୍ (ନଂ.ଓଡି୨୬ଜି-୯୪୨୮) ଯୋଗେ କିରିକିଟା ପଞ୍ଚାୟତପଡାରୁ ନିଜ ଘରକୁ ଆସୁଥିଲେ। ସେହି ସମୟରେ ଟ୍ରକ୍ (ନଂ.ଡବ୍ଲୁବି ୩୩ଡି-୩୯୯୯) ଦ୍ରୁତଗତିରେ ଆସି ବଜାର ଛକଠାରେ ମଧୁଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ଚିକିତ୍ସାଳୟକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଡିଆଳ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ସ୍କୁଲ ପରିଦର୍ଶନ କଲେ ପୋଲିସ ଅଧିକାରୀ

ସମ୍ବଲପୁର,୯।୯(ବ୍ୟୁରୋ)

କୋଭିଡ୍ କଟକଣା ପାଳନ କରି ଜିଲାରେ ସ୍କୁଲ ଖୋଲାଯାଇଛି। ସ୍କୁଲଗୁଡିକ କଟକଣା ପାଳନ କରୁଥିବା ନେଇ ପୋଲିସ ଯାଞ୍ଚ କରିଛି। ସ୍ଥାନୀୟ ଏସ୍‌ଡିପିଓ ଓ ଥାନା ଅଧିକାରୀମାନେ ସମ୍ବଲପୁର ସଦର, କୁଚିଣ୍ଡା, ରେଢାଖୋଲ ସବ୍‌ଡିଭିଜନର କେତେକ ସ୍କୁଲ ପରିଦର୍ଶନ କରିଥିଲେ। ସେମାନେ ଶ୍ରେଣୀଗୃହ, ଅଫିସ ବୁଲି ଦେଖିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସମାଜିକ ଦୂରତା, ମାସ୍କ ପରିଧାନ କରିବା, ସାନିଟାଇଜର କିମ୍ବା ସାବୁନରେ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦେଇଥିଲେ। ଆଗକୁ ବିଭିନ୍ନ ଅନୁଷ୍ଠାନକୁ ଯାଇ ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୯।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲ୍ଲା ବୀରାମହରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପାଲି ଗ୍ରାମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ପରିଦର୍ଶିକା ତୁଳସୀ ମଞ୍ଜରୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲ୍ୟ ବିବାହର କୁପରିଣତି ଏବଂ ଏହା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ହେଉଥିବା ଅସୁବିଧା ଉପରେ ମତପ୍ରକାଶ କରିଥିଲେ। ସମସ୍ତଙ୍କ ବିନା ସହଯୋଗରେ ବାଲ୍ୟ ବିବାହ ରୋକା ଯାଇପାରିବ ନାହିଁ। ଏଣୁ ଆଗାମୀ ଗାନ୍ଧୀ ଜୟନ୍ତୀରେ




ବାହାରିଥିବା ବାଲ୍ୟବିବାହ ନିଷେଧ ସଚେତନତା ଶୋଭାଯାତ୍ରା।

ଗ୍ରାମବାସୀଙ୍କୁ ନେଇ ଏକ ସଂକଳ୍ପ ସଭା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ମହିଳାମାନେ ଏକ ସଚେତନତା ରାଲିରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ରୀନାରାଣୀ ପଣ୍ଡା, ଆଶାକର୍ମୀ, ସହାୟିକା, ଗାଁ କଲ୍ୟାଣ ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ନିରନ୍ତର ଶିକ୍ଷାଦାନ ପାଇଁ ଭର୍ଚୁଆଲ ବୈଠକ

ନୂଆପଡ଼ା ଅଫିସ,୯।୯

ଶିଶୁ ସୁରକ୍ଷା ସେବା ସଂସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନିରନ୍ତର ଶିକ୍ଷା ପ୍ରଦାନ ପାଇଁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନା ମାହାମାରୀ ପରିସ୍ଥିତିରେ ବିଶେଷ କରି ଛାତ୍ରୀଛାତ୍ରଙ୍କ ସମୟ ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଶିଶୁ ସୁରକ୍ଷା ସେବା ସଂସ୍ଥା ମୁଖ୍ୟ ପରିଚାଳକ ସୁଦର୍ଶନ ସୂଚୀ, ବାୟୁଯୁସ ଉପାଧ୍ୟକ୍ଷ ମନିସ କସିଲିବାଲ, ବଲିଉଡ ଅଭିନେତ୍ରୀ ସଞ୍ଜନା ଗାନ୍ଧୀ, ଡା. ମଧୁର କାପଡି, ଖରିଆର ରୋଡ ଗୌତମାରୁ ଦିପାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଏଭଳି ସ୍ଥିତିରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଆବଶ୍ୟକ ଅନୁଯାୟୀ ସୁରକ୍ଷା ପଦକ୍ଷେପ ନେବା ଜରୁରୀ ଅଟେ ବୋଲି କହିଥିଲେ।

## ମିନତୀ ମହିଳା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା

ସୋନପୁର,୯।୯(ନି.ପ୍ର.)

ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକାଭାବେ ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲିର ମିନତୀ ସାହୁଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାହୁଙ୍କୁ ଗୁରୁବାର ଏହି ନିଯୁକ୍ତି ଦେଇଛନ୍ତି। ମିନତୀ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ଜିଲା ପରିଷଦ ସଭ୍ୟ ଥିଲେ। ବର୍ତ୍ତମାନ ସେ ସୁବର୍ଣ୍ଣପୁର ଜିଲା ବିଜୁ ମହିଳା ଜନତା ଦଳର ଉପ ସଭାନେତ୍ରୀ ଦାୟିତ୍ୱ ମଧ୍ୟ ଅଛନ୍ତି। ନୂତନ ଦାୟିତ୍ୱ ମିଳିବା ପରେ ନବୀନ ପଟ୍ଟନାୟକଙ୍କ ଲୋକଭିମୁଖୀ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ସହ ବିଜୁ ମହିଳା ଜନତା ଦଳକୁ ଜିଲାରେ ତୃଣମୂଳ ସ୍ତରରୁ ସଂଗଠିତ କରିବେ ବୋଲି ମିନତୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ମିନତୀ ସାହୁ

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗୀନୀ ଛୁରିଆଙ୍କୁ ଶ୍ରୀମତୀ ମିନତୀ କୃତଜ୍ଞତା ଜଣାଇଛନ୍ତି।

# ଶର୍ଟଫିଲ୍ମ କୋସଲ ମାଟିର ଛୁଆର ଶୁଭ ମହୁରତ୍

ବଲାଙ୍ଗୀର ଅଫିସ, ୯।୯

ଅନ୍ୱେଷଣ କ୍ରିଏସନ୍ସର ନୂଆଖାଇ ଭେଟି କୋଶଲୀ ଶର୍ଟଫିଲ୍ମ କୋସଲ ମାଟିର ଛୁଆର ଶୁଭ ମୁହୁରତ୍ ଗୁରୁବାର ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବଲାଙ୍ଗୀର ବ୍ଲକ ଅର୍ଧ୍ୟକ୍ଷ ଗୋଲାପ ବାଗ, ଚାଷୀନେତା ସାନନ୍ଦ ମିଶ୍ର, କବି ସନ୍ଦୀପ କୁମାର କୁଅଁର, ନାଟ୍ୟନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଉପସ୍ଥିତ ଥିଲେ । ତରଣୀସେନ ଦୀପ ସଭା ସଂଯୋଜନା କରିଥିଲେ। ପଶ୍ଚିମ ଓଡିଶାର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଏକ ନିଆରା କାହାଣୀରେ ଗତିଶୀଳ ହୋଇଛି ଏହି ଶର୍ଟଫିଲ୍ମ । ଫିଲ୍ମର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ପ୍ରକାଶ ଚନ୍ଦ୍ର ଥନାପତି। ସହନିର୍ଦ୍ଦେଶନା ଭାବେ ନିବୃତ୍ତି ପଣ୍ଡା ଏବଂ ପ୍ରୟୋଜିକା ଅନୁରାଧା ଦେହୁରୀ କାର୍ଯ୍ୟ କରିଛନ୍ତି। ଅନ୍ୱେଷଣ କ୍ରିଏସନ୍ସ ୟୁଟ୍ୟୁବ ଚ୍ୟାନେଲରେ ଏହି ଚଳଚ୍ଚିତ୍ର ଦେଖି ପାରିବେ ବୋଲି ସୂଚନା ଦିଆଯାଇଥିଲା।



ସର୍ଟଫିଲ୍ମ କୋସଲ ମାଟିର ଛୁଆର ଶୁଭ ମୁହୁରତ ଅବସରରେ ମଞ୍ଚାସୀନ ଅତିଥି।

# ସ୍କୁଲ ସହ ଶିକ୍ଷକ ଯୋଡ଼ି ହୋଇ ରୁହନ୍ତୁ: ଜିଲାପାଳ

ବରଗଡ଼ ଅଫିସ,୯।୯

ବିଦ୍ୟାଳୟଗୁଡ଼ିକରେ ରୂପାନ୍ତରଣ ପ୍ରକ୍ରିୟା ଚାଲୁ ରହିଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନିଜର ବୋଲି ଭାବନ୍ତୁ। ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟକୁ କେବଳ ନିଜର କର୍ମକ୍ଷେତ୍ର ବୋଲି ନ ଭାବି ବିଦ୍ୟାଳୟ ସହିତ ଯୋଡ଼ି ହୋଇ ରୁହନ୍ତୁ। ଗୁରୁବାର ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ କର୍ମଶାଳା ଏବଂ ବିଜେପୁର ବ୍ଲକ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ସମୀକ୍ଷା ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ।

ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ପାୱାର ପଏଣ୍ଟ ଜରିଆରେ ଜିଲା ଶିକ୍ଷା ବିଭାଗର ବିଗତ ୩ବର୍ଷର ପ୍ରଗତି ରିପୋର୍ଟ ଉପସ୍ଥାପନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଭାଷଣ ଓ ବରଗଡ଼ ବିଇଓ ସେବାଶ୍ରୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଏଡିଇଓ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।




ସମୀକ୍ଷା ବୈଠକରେ ବରଗଡ଼ ଜିଲାପାଳ ନିଜର ବକ୍ତବ୍ୟ ରଖୁଛନ୍ତି।

ଜିଲାର ଅନେକ ସ୍କୁଲର ବିଭିନ୍ନ ବିଷୟରେ ଶିକ୍ଷାଦାନ କରୁଥିବା ୩୦ରୁ ଊର୍ଦ୍ଧ୍ୱ ସାଧନ କର୍ମୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ସୋହେଲା ବ୍ଲକ ଅନ୍ତର୍ଗତ ଗ୍ରୀଞ୍ଜେଲ ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀ ଦିତୀକ୍ଷା ବେହେରା କୃତୀ ମେଧା ବିଜ୍ଞାନୀ ବିନିମୟ କାର୍ଯ୍ୟକ୍ରମରେ ଜାପାନରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ବରଗଡ଼ ଜିଲାରୁ ଅଂଶଗ୍ରହଣ କରିଥିବା ଛାତ୍ର ଜୟନ୍ତ ସାହୁ, ଚୂଡ଼ାମଣି ମେହେର, ଆୟୁଷ ବୁଦ୍ଧିଆ, ତାପସ ପ୍ରଧାନ, ଛାତ୍ରୀ ପୂଜା ମେହେର, ମଲ୍ଲିକା ସେଠ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାର୍ଗବ ନାଏକ, ଗୋପୀନାଥ ପ୍ରଧାନ, ସଦାନନ୍ଦ ଜାଲ, ବିରେନ୍ଦ୍ର ଦାଶ, ଡଃ ଡୋଲାମଣି ଶତପଥି ପ୍ରମୁଖ ସହଯୋଗ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ଚଢ଼ାଉ: ୨୫୦ ଲିଟର ରନ୍ଧାମଦ ଜବତ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା-ଡୁଙ୍ଗୁରିପାଲି ଅବକାରୀ ବିଭାଗ, ଜିଲା ମୋବାଇଲ ୟୁନିଟ ଓ ସୋନପୁର ସଦର ଥାନାର ମିଳିତ ଟିମ୍ ଗୁରୁବାର ରାମପୁର ଥାନା ଚମାର ପଡାର ପ୍ରକାଶ ନାଗଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୫ଟି ରବର ଟ୍ୟୁବରେ ମୋଟ ୨୫୦ଲି ଦେଶୀ ରନ୍ଧାମଦ ମଦ ଜବତ କରାଯାଇଥିଲା। ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ ପ୍ରକାଶଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜାତକୁ ପଠାଯାଇଥିବା ବିନିକା ଅବକାରୀ ଅଧିକାରୀ ଗୋବର୍ଦ୍ଧନ ରଣା ପ୍ରକାଶ କରିଛନ୍ତି। ଚଢ଼ାଉ ବେଳେ ସୋନପୁର ସଦର ଥାନା ଓଆଇସି ସୁଧୀର କୁମାର ମିଶ୍ର, ଏଏସଆଇ କେଶବ ଧରୁଆ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଜୁନାଗଡ଼ ଥାନାର ୨ ପୋଲିସ ସମ୍ମାନିତ



ଜୁନାଗଡ଼,୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନାର ୨ ପୋଲିସ ଏସ୍‌ଆଇ ଥବିର ବରିହା ଓ ଏ ଏସଆଇ ବୈଷ୍ଣବ ନାଏକଙ୍କୁ ଡିଜିପିଙ୍କ ପକ୍ଷରୁ ପ୍ରଶଂସାପତ୍ର ଓ ମାନପତ୍ର ପ୍ରଦାନ କରାଯାଇଛି। ଥାନାରେ ରୁଜୁ ହୋଇଥିବା ବହୁ ସଂଖ୍ୟକ ମାମଲାର ତଦନ୍ତ କରି ସଫଳତା ପାଇଥିବାରୁ ଉଭୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କଳାହାଣ୍ଡି ପୋଲିସ ମୁଖ୍ୟାଳୟରେ ଏସ୍‌ପି ଶ୍ରବଣ ବିବେକ ଏମ୍ ଯୋଗଦେଇ ଉଭୟଙ୍କୁ ଏହା ପ୍ରଦାନ କରିଛନ୍ତି। ସେହିପରି ଆମପାଣି ଆଇଆଇସି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ମଧ ଏହି ସମ୍ମାନ ପ୍ରଦାନ କରାଯାଇଛି।

### ଉନ୍ନୟନ କାର୍ଯ୍ୟକୁ ନେଇ ବୈଠକ

ଦେଓଗାଁ,୯।୯ (ଡି.ଏନ.ଏ.): ବଲାଙ୍ଗୀର ଜିଲା ମହଲାଇ ପଞ୍ଚାୟତ ଅନ୍ତର୍ଗତ ହଲଦୀପାଲି ଗାଁର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ଗୁରୁବାର ଗ୍ରାମବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଲଦୀପାଲିକୁ ରାଜସ୍ୱ ଗାଁ ମାନ୍ୟତା ପ୍ରଦାନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ପରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାସହ ପଞ୍ଚାୟତ ତରଫରୁ ଚାଲିଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଉପରେ ଆଲୋକପାତ କରାଯାଇଥିଲା ।ପରେ ସ୍ଥାନୀୟ ଲୋକଉନ୍ନତି ସଂଗଠନ ଦ୍ୱାରା ପରିଚାଳିତ ମୋ ଚାଟଶାଳୀ, ଇ-ଶ୍ରମ କାର୍ଡ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ହଲଦିପାଲି ଗାଁବାସୀ ଉପସ୍ଥିତ ଥିଲେ ।

### ପେପର ମିଲ୍ ମ୍ୟାନେଜରଙ୍କୁ ଆକ୍ରମଣ



ଟିଟିଲାଗଡ଼,୯।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଚୋରମରା ସ୍ଥିତ ମହାବୀର ପେପର ମିଲ ମ୍ୟାନେଜର ଜଗଦୀଶ କୁଣ୍ଡୁଙ୍କ ଉପରେ ଆକ୍ରମଣ ହୋଇଛି। ଜଗଦୀଶ ଗୁରୁବାର ବେଲଗାଁ-ଟିଟିଲାଗଡ ଜାତୀୟ ରାଜପଥ ୫୯ରେ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଏକ ବାଡିରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ନିଆଯାଇଛି। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଉପଖଣ୍ଡ ପୋଲିସ ଅଧିକାରୀ ସୁରେନ୍ଦ୍ରନାଥ ଶତପଥୀ କହିଛନ୍ତି।

### ଶିବିରରେ ୧୩୨ ୟୁନିଟ ରକ୍ତ ସଂଗ୍ରହ

ନୂଆପଡ଼ା ଅଫିସ,୯।୯: ନୂଆପଡା ଜିଲା ପୁରୁଣା ବ୍ଲକ କାର୍ଯ୍ୟାଳୟ କୋମନାଠାରେ ବୁଧବାର ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଲମ୍ବୋଦର ନିଆଲ ବିଜେଡି ମହାସଚିବ ନୂଆପଡା, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ପରିଷଦ ଉପଉଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଭୌରବ ସାହୁ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁରଲି ପାଢ଼ୀ ଓ ଅଜୟ ଗହୀର ସଂଯୋଜନା କରିଥିବା ବେଳେ ଜିଲା ମୁଖ୍ୟ କାର୍ଯ୍ୟାଳୟର ଓ କୋମନା, ଭେଲାର ଡାକ୍ତର ଲଳିତ ମୋହନ ବିଶି, ଦିବାକର ଓଝା, ଜେ.କେ. ମଲ୍ଲିକ, ଘନଶ୍ୟାମ ପ୍ରଧାନ, ଏସ୍.ଆର୍. ପାଉଲେ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବଲମତ ଘିବେଲା, ଡମ୍ବରୁ ଘିବେଲା, ପ୍ରଦିପ ଦଲପତି, ପୁଷ୍ପ ରଞ୍ଜନ ଯାଦବ, ସୁତାର କାନ୍ତ ନିଆଲ, ପ୍ରଫାନ ଦଲପତି ପ୍ରମୁଖ ସହଯୋଗ କରିଥିଲେ।

# ଭିତ୍ତିଭୂମି ନ ଥାଇ ସ୍ମାର୍ଟ ସ୍କୁଲ

ମ.ରାମପୁର,୯।୯(ଡି.ଏନ.ଏ.)



ବିଦ୍ୟାଳୟର ପୁରୁଣା କୋଠା।

- ୨ ବର୍ଷ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି
- ସପ୍ତାହକୁ ୩ ଦିନ ପିଇଟି ଶିକ୍ଷକ ଆସୁଛନ୍ତି
- କ୍ରମାଗତ ପାସ୍ ହାର କମୁଛି

୧୯୫୯ରେ ପ୍ରତିଷ୍ଠିତ କଳାହାଣ୍ଡି ଜିଲା ମ.ରାମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାପୀଠ ସ୍ମାର୍ଟ ସ୍କୁଲରେ ସାମିଲ ହୋଇଛି। କିନ୍ତୁ ଏହି ବିଦ୍ୟାପୀଠରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏଠାରେ ୨ ବର୍ଷ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। କଳା ବିଭାଗରେ ୪ଟି ଶିକ୍ଷକ ପଦବୀ ପୂରଣ ହୋଇନାହିଁ। ବିଜ୍ଞାନ ବିଭାଗ ୪ଟି ପଦବୀରୁ ଗୋଟିଏ ଖାଲି ପଡିଛି। ମୋହନଗିରି ହାଇସ୍କୁଲରୁ ସପ୍ତାହକୁ ୩ ଦିନ ପାଇଁ ପିଇଟିଙ୍କୁ ଆଣି ଏଠି ଯେନତେଣ ପ୍ରକାରେ କାର୍ଯ୍ୟ କରାଯାଉଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାମୁହିକ ଭାବେ ଡିପ୍ଲୋୟଡ କରି ହାଇସ୍କୁଲକୁ ଅଣାଯାଇଥିବା ବେଳେ ପାଠପଢ଼ା କ୍ଷେତ୍ରରେ ଫଳପ୍ରସୁତ ହୋଇପାରୁନାହିଁ। ଏବେ ମୋ ସ୍କୁଲ ଅଭିଯାନରେ ସ୍ମାର୍ଟ କ୍ଲାସରୁମ ୧ ଓ ୨ କମ୍ପ୍ୟୁଟର ଏବଂ ଲାଇବ୍ରେରୀ, ପାଚେରି ମରାମତି ଆଦି କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ସାମ୍ନାରେ ଚାକଚକ୍ୟ ସଜା ଯାଉଥିବାବେଳେ କାର୍ଯ୍ୟାଳୟ ଓ ଶ୍ରେଣୀ ଗୃହ ମଧଭାଗରେ ଘାସଲଟାବୁଦା ପରିପୂର୍ଣ୍ଣ ହୋଇଛି। ଚଳିତବର୍ଷ ନବମରେ ୧୭୪, ଦଶମରେ ୧୭୯ ମୋଟ ୩୫୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

୨୦୧୪ ପରଠାରୁ କ୍ରମାଗତ ଭାବେ ଏଠାକାର ଛାତ୍ରୀଛାତ୍ରଙ୍କ ପାସ୍ ହାର କମି ଚାଲିଛି। ୨୦୧୪ରେ ୮୧.୦୨ %, ୨୦୧୫ରେ ୮୦%, ୨୦୧୬ରେ ୭୬ %, ୨୦୧୭ରେ ୬୫ %, ୨୦୧୮ରେ ୮୨ %, ୨୦୧୯ରେ ୬୫ %, ୨୦୨୦ରେ ୭୦.୮% ଛାତ୍ରୀଛାତ୍ର ଉତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଏ୧ ଗ୍ରେଡ୍‌ରେ କେବଳ ୨୦୧୬ରେ ୨ଜଣ ଓ ଏ୨ ଗ୍ରେଡ୍‌ରେ ଦୁଇ ତିନି ଜଣ ଲେଖାଏଁ ଉତ୍ତିର୍ଣ୍ଣ ହୋଇଥିବା ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ଭାବେ ପାସ୍‌ହାର କମୁ ଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍ଥାୟୀ ପ୍ରଧାନଶିକ୍ଷକ ଅଭାବ ମଧ୍ୟରେ ସ୍ମାର୍ଟ ସ୍କୁଲ ଯୋଜନା କେତେଦୂର ଫଳପ୍ରଦ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୫ରୁ କ୍ରମାଗତ ୩ ବର୍ଷ ଯାଏଁ ଛାତ୍ରୀଛାତ୍ରଙ୍କ ଦକ୍ଷତାବିକାଶ, ବିଜ୍ଞାନମେଳା, ଖେଳକୁଦ କାର୍ଯ୍ୟକ୍ରମ, ବୈଷୟିକ କାର୍ଯ୍ୟକ୍ରମ, ବାର୍ଷିକ ଉତ୍ସବ ଆଦି ନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଦକ୍ଷତା ପ୍ରଦର୍ଶନକୁ ଚାପି ଦିଆଯାଇଥିଲା। ଫଳରେ ଜନଅସନ୍ତୋଷ ବୃଦ୍ଧି ହୋଇଥିଲେ ହେଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଭୃକ୍ଷେପ କରି ନ ଥିଲେ। ପ୍ରଧାନ ଶିକ୍ଷକ ସହିତ ବହୁବିଧ ପଦବୀ ପୂରଣ ପାଇଁ ଦାବି କରାଯାଉଛି।

# ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳ ଅମଳକୁ ଗୁରୁତ୍ୱ




କର୍ମଶାଳାରେ ମଞ୍ଚାସୀନ ଅତିଥି।

### ଲୋଇସିଂହାରେ ଜଳ ଜୀବନ କର୍ମଶାଳା

ଲୋଇସିଂହା, ୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହଠାରେ ଜଳ ଜୀବନ ମିଶନର ଏକ କର୍ମଶାଳା ଗୁରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୪ ସୁଦ୍ଧା ଦେଶର ପ୍ରତ୍ୟେକ ଘରକୁ ବିଶୁଦ୍ଧ ଜଳ ଯୋଗାଣ ଲକ୍ଷ୍ୟ ରହିଛି । ଏ ନେଇ କାର୍ଯ୍ୟ ଜୋରଦାର ଚାଲିଛି। ଏଯାଏ ୪୦ ପ୍ରତିଶତରୁ ଅଧିକ କାମ ହୋଇ ସାରିଛି। ଏହାବ୍ୟତୀତ ବର୍ଷାଜଳ ସଂରକ୍ଷଣ ଓ ଭୂତଳ ଜଳ ଅମଳ ଉପରେ ଗୁରୁତ୍ୱାରୋପ କରିବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତ ସଂଯୋଜକ ହୃଷିକେଶ ବାରିକଙ୍କ ଅଧ୍ୟକ୍ଷତା ଓ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସବୁଠି ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ଏଭଳି ସ୍ଥିତିରେ ଯୋଗାଣ ଜଳର ଉପଯୁକ୍ତ ଉପଯୋଗର ଆବଶ୍ୟକତା ରହିଛି। ଏହାବ୍ୟତୀତ ପ୍ରକଳ୍ପର ରକ୍ଷଣାବେକ୍ଷଣ ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ କେବଳ କର୍ତ୍ତବ୍ୟ ନୁହେଁ। ଜନସାଧାରଣ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଉଚିତ ବୋଲି ସେ କହିଥିଲେ। ସେୱା ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ସାହୁ, ଜିଲା ସଂଯୋଜକ ଧ୍ୟାନଚାନ୍ଦ ମହାମଲ୍ଲିକ ଭିଏଣ୍ଟ୍ୟୁଏସସି, ଏଫଏଚଟିସି, ଜିଏଏପି ଉପରେ ତାଲିମ ପ୍ରଦାନ କରିଥିଲେ।

# ଦରଦାମ ବୃଦ୍ଧି ପ୍ରତିବାଦରେ ଦାବିପତ୍ର



ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଉଛି।

ବଲାଙ୍ଗୀର ଅଫିସ,୯।୯

ଦେଶରେ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରଛନ୍ତି। ସରକାର ଦରଦାମ ବୃଦ୍ଧି ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଅନିୟନ୍ତ୍ରିତ ଦରଦାମ ବୃଦ୍ଧିର ପ୍ରତିବାଦ କରିଛି ଭାରତୀୟ ମଜଦୁର ସଂଘ ବଲାଙ୍ଗୀର ଜିଲା କମିଟି। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୁର ସଂଘର ନିଷ୍ପତ୍ତିକ୍ରମେ ଦରଦାମ ବୃଦ୍ଧି ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ମଜଦୁର ସଂଘ ଜିଲା କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ଖାଦ୍ୟ ପଦାର୍ଥ ସହ ଅନ୍ୟାନ୍ୟ ଜିନିଷପତ୍ରରେ ଅହେତୁକ ଦରଦାମ ବୃଦ୍ଧିକୁ ତୁରନ୍ତ ରୋକିବା ସହ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ଅର୍ନ୍ତଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଭାରତୀୟ ମଜଦୁର ସଂଘ ଜିଲା କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ସ୍ଥାନୀୟ ଯାଦବ ଭବନଠାରେ ଆଲୋଚନା କରିବା ପରେ ଏକ ପ୍ରେସ ଇସ୍ତାହାର ଜାରି କରିଥିଲେ। ଦାବିପତ୍ରକୁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି, ପେଟ୍ରୋଲ ଏବଂ ପ୍ରାକୃତିକ ଗ୍ୟାସ ବିଭାଗ ମନ୍ତ୍ରୀ, ମହିଳା ଓ ଶିଶୁ ବିଭାଗ, ମାନବ ସମ୍ବଳ, ରେଳମନ୍ତ୍ରୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟପାଳଙ୍କୁ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପଠାଯାଇଛି। ଭାରତୀୟ ମଜଦୁର ସଂଘ ରାଜ୍ୟ ଉପସଭାପତି ଅରୁଣ ସାହୁ, ଜିଲା ସଭାପତି ରୁନୁ ଗୋପାଳ ସାହୁ, ଜିଲା ଉପସଭାପତି ସନ୍ତୋଷ ପଧାନୀ, ସମ୍ପାଦକ ଆମୋଦ ମହାପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ପୁରୋହିତ, ଉମ୍ପିଲ ନାଏକ ଏବଂ ଅଙ୍ଗନବାଡ଼ି, ଆଶା କର୍ମୀ, ରେଲୱେ କର୍ମଚାରୀ, ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ। ବଡମାଲ ଏବଂ ଟିଟିଲାଗଡ ଠାରେ ମଧ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

# ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନକଲେ ଗ୍ରାମବାସୀ

**ଖର୍ଡିଆମୁଣ୍ଡା ମାଟିକାମ ଅନିୟମିତତା ଘଟଣା**

- ମୃତ, ଭିନ୍ନକ୍ଷମଙ୍କ ନାମରେ ବି ଉଠିଛି ଟଙ୍କା

ଲୋଇସିଂହା,୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ତେନ୍ତୁଲିଖୁଣ୍ଟି ଖର୍ଡିଆମୁଣ୍ଡା ମାଟିକାମ ଅନିୟମିତତା ତଦନ୍ତ ପ୍ରକ୍ରିୟାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜିଲା ସାମାଜିକ ସମୀକ୍ଷକ ବର୍ଷା ହରପାଲ ତଦନ୍ତ ପାଇଁ ଗାଁକୁ ଆସିଥିଲେ। ହେଲେ ଅଭିଯୋଗକାରୀଙ୍କ ପକ୍ଷକୁ ଅଣଦେଖା କରି ଦୋଷୀଙ୍କୁ ଘଣ୍ଟ ଘୋଡାଇବା ଉଦ୍ୟମ କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ବୁଧବାର ଫେରାଦ ହୋଇଥିଲେ। ଅଭିଯୋଗ ମୁତାବକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖର୍ଡିଆମୁଣ୍ଡା ପୁନରୁଦ୍ଧାର କାମ କରାଯାଇଥିଲା। କାମରେ ଅନିୟମିତତା କରି ଟଙ୍କା ଆତ୍ମସାତ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ମିଳିଥିବା ଆରଟିଆଇ ତଥ୍ୟରୁ ଅନିୟମିତତାର ରହସ୍ୟ ଖୋଲିବାରେ ଲାଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକୃତରେ ପ୍ରକଳ୍ପରେ ୧୫ରୁ ୨୦ ଶ୍ରମିକ କାମ କରିଥିଲେ । ହେଲେ କାମ କରି ନ ଥିବା ୩୨ଜଣଙ୍କ ନାମରେ ଟଙ୍କା ପୈଠ କରାଯାଇ ହଡପ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ୩୨ଜଣଙ୍କ ମଧ୍ୟରେ କେତେକ ମୃତକଙ୍କ ନାମ ରହିଥିବା ଆରଟିଆଇ ତଥ୍ୟରୁ ଜଣାପଡିଥିଲା। ଏପରିକି ଶଯ୍ୟାଶାୟୀ ଥିବା ଗ୍ରାମର ଭଗବତୀ ପାଇଲ, ୬୦ବର୍ଷରୁ ଉର୍ଦ୍ଧ୍ୱ ଶ୍ୟାମସୁନ୍ଦର ଭୋଇ, ମନ୍ଦର ଭୋଇ କାମ କରିଥିବା ଦର୍ଶାଇ ଟଙ୍କା ହଡପ ହୋଇଛି । ଖାଲି ସେତିକି ନୁହେଁ, କାମ କରିବାକୁ ଅସମର୍ଥ ଚକା ସଲତର ନାମକ ଜଣେ ଦିବ୍ୟାଙ୍ଗଙ୍କ ନାମରେ କାମ କରିଥିବା ଦର୍ଶାଇ ଟଙ୍କା ପକା ଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି ।

# ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ମନ୍ତ୍ରୀ ଟୁକୁନି ସାହୁ ପ୍ରତିଷ୍ଠା ଦିବସ ସମାରୋହରେ ବକ୍ତବ୍ୟ ରଖୁଛନ୍ତି।

ଟିଟିଲାଗଡ଼,୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବଲାଙ୍ଗୀରର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ଯ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ପାଇଁ ଏକ ଅଡିଟୋରିୟମ, ଗେଟ ଆଦି ନିର୍ମାଣ ପାଇଁ ସେ ଅର୍ଥ ବରାଦ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ ମେଜର ଡ. ମଧୁସୁଦନ ମିଶ୍ର ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉତ୍‌ଥାପନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି, ପ୍ରାଧ୍ୟାପକ ସୁଶୀଲ ପାଢୀ, ବିଧାନ ମିଶ୍ର, ଡ. ରମାକାନ୍ତ ବେହେରା, ଡ. ଉମେଶ ସାହୁ, ବିପିନ ରାଉତ, ନନ୍ଦ କୁମାର ହୋତା, ଆଲୋକ ଲକ୍ଷ୍ମୀ ବେହେରା, ସସ୍ମିତା ପାଣିଗ୍ରାହୀ, ଅଲକାନନ୍ଦ ମଲ୍ଲ, ସଞ୍ଜୟ ଅଗସ୍ତି, ବିନୋଦ ପଟ୍ଟନାୟକ, ଚିରଞ୍ଜିବି ପଟ୍ଟନାୟକ, ରତ୍ନାକର ନାୟକ, ପ୍ରେମ ଦୀପ, ରାଷ୍ଟ୍ର ବାଗ, ବିଷ୍ଣୁଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ବନ୍ଦନା କର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଗୀତ କୁରେ ପତର ଉନ୍ମୋଚିତ

ବଲାଙ୍ଗୀର ଅଫିସ,୯।୯



ଅତିଥିମାନେ ନୂଆଁଖାଇ ଗୀତ କୁରେ ପତର ଉନ୍ମୋଚିତ କରୁଛନ୍ତି।

**କଣ୍ଠଶିଳ୍ପୀ ନବୀନ କୁଅଁରଙ୍କୁ ସମ୍ବର୍ଦ୍ଧନା**

ବଲାଙ୍ଗୀର ଯାଦବ ଭବନଠାରେ ମହନୀ କ୍ରିଏସନ ପକ୍ଷରୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଲୋକଗୀତ ବିଭାଗରେ ପୁରସ୍କାରପ୍ରାପ୍ତ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କୁ ସ୍ଥାନୀୟ ଯାଦବ ଭବନଠାରେ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ନୂଆଖାଇ ତିହାରକୁ ଆଖି ଆଗରେ ରଖି ମହନୀ କ୍ରିଏସନ ଦ୍ୱାରା ପ୍ରସ୍ତୁତ ଏକ ନୂଆଁଖାଇ ଗୀତ କୁରେ ପତର ମଧ ଉନ୍ମୋଚିତ ହୋଇଛି। ଏହି ଗୀତରେ କଣ୍ଠଦାନ, ଗୀତ ରଚନା, ସଙ୍ଗୀତ ଓ ନୃତ୍ୟ ନିର୍ଦ୍ଦେଶନା ବିନୟ ସୁନା ଦେଇଛନ୍ତି। କ୍ୟାମେରାରେ ଐବର୍ତ୍ତ ନାଏକ, ସମ୍ପାଦନାରେ ସୋମନାଥ ନାଏକ ଏବଂ ବିନୋଦ କାଲସାଲ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ବିନୟ ଓ ପ୍ରିୟସ୍ୱି ଅଭିନୟ କରିଛନ୍ତି। ଏହି ଉନ୍ମୋଚନ କାର୍ଯ୍ୟକ୍ରମ ବିନୋଦ କୁମାର କାଲସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭୁ କଲ୍ୟାଣ ଗଡତ୍ୟା ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନବୀନ କୁଅଁର, ସମ୍ମାନିତ ଅତିଥି ଦିଲୀପ ଦୀପ ଓ ବିନୟ ସୁନା ମଞ୍ଚାସୀନ ଥିଲେ। ଅଶୋକ ଦୀପ, ଅର୍ଜୁନ ମୁଗ୍ରୀ, ସୁବଳ ମହାକୁର, ମନୋରଞ୍ଜନ ଭୋଇ, ଅଜୟ ନାଗ, ସାଗର କୁମ୍ଭାର, ତରଣୀସେନ ଧରୁଆ, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ।

# ନୂଆଖାଇ ପାଇଁ ଉତ୍ସବମୁଖର



ବଜାରରେ ବିକ୍ରି ହେଉଥିବା ସରିଆ ଧାନ।

ଖପ୍ରାଖୋଲ, ୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳ ନୂଆଖାଇ ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ନବାର୍ଣ୍ଣ ପାଇଁ ସମସ୍ତେ ସଜବାଜ। ସାପ୍ତାହିକ ବଜାର, ଦୋକାନ, ବଜାରରେ ବେଶ୍ ଭିଡ ପରିଲକ୍ଷିତ ହେଉଛି । ନୂଆଖାଇ ପାଇଁ ଆବଶ୍ୟକ ନୂଆ ଧାନ(ସରିଆ) ବଜାର ମାନଙ୍କରେ ବିକ୍ରିକରୁଥିବା ଦେଖିବାକୁ ମିଳିଛି।

# ସମନ୍ୱିତ ମତ୍ସ୍ୟଚାଷ ଦକ୍ଷତା ବୃଦ୍ଧି ତାଲିମ

ଲୋଇସିଂହା,୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହଠାରେ ସମନ୍ୱିତ ମତ୍ସ୍ୟଚାଷ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାଛ ଚଷ ଏକ ଲାଭଦାୟକ ବ୍ୟବସାୟ । ତେଣୁ ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ଚାଷୀ ବେଶ ଉପକୃତ ହୋଇ ପାରିବେ ବୋଲି ତାଲିମଦାତା ପ୍ରକାଶ କରିଥିଲେ। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ତାଲିମ ଶିବିରରେ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ହରିହର ନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ଏଏଫଓ ପ୍ରମିତା ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ମାଛ ଚାଷ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଦିଗାମ୍ବର ସ୍ୱାଇଁ ଉପସ୍ଥିତ ଚାଷୀଙ୍କୁ ମାଛ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ବ୍ଲକର ୨୫ ଜଣ ମାଛଚାଷୀ ଶିବିରରେ ଉପସ୍ଥିତ ଥିଲେ ।



ଶିବିରରେ ଉପସ୍ଥିତ ଅତିଥିମାନେ।

# ବର୍ଷାଭାବରୁ ଉଜୁଡ଼ିଲା ଚାଷ

ଜୁନାଗଡ,୯।୯(ଡି.ଏନ୍.ଏ)

**ଆଟିଗାଁ, ତଳମଲା ପଞ୍ଚାୟତ**



ବର୍ଷା ହେବାରୁ ଧାନପହ୍ଲା ଶୁଖି ନଷ୍ଟ ହୋଇଯାଇଛି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଓ ତଳମଲା ପଞ୍ଚାୟତରେ ବର୍ଷା ଅଭାବରୁ ଧାନ ଚାଷ ଉଜୁଡିବାରେ ଲାଗିଛି। ଆଟିଗାଁ ପଞ୍ଚାୟତରେ ୧୦୦ ଓ ତଳମଲା ପଞ୍ଚାୟତରେ ୧୫୦ ହେକ୍ଟର ଚାଷ ଜମିକୁ ପାଣି ନ ମାଡିବାରୁ ଏବେ ସେଠାକାର ଧାନ ପହ୍ଲା ଶୁଖି ନଷ୍ଟ ହେବାରେ ଲାଗିଛି। ଫଳରେ ଏଠାରେ ମରୁଡି ଆଶଙ୍କା ଦେଖାଦେଇଛି। ଶୀଘ୍ର ନଷ୍ଟ ହୋଇଥିବା ଧାନ ଚାଷର କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଚାଷୀଙ୍କ ସମେତ ତଳମଲା ସରପଞ୍ଚ ଦୁଶିଳା ମାଝିପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଏହି ଅଞ୍ଚଳର ଚାଷୀମାନେ ଚଳିତ ଖରିଫ ଋତୁରେ ଋଣ କରି ଧାନ ଚାଷ ଆରମ୍ଭ କରିଥିଲେ। ଯଥାସମୟରେ ଧାନପହ୍ଲାଗୁଡିକ ହୋଇଥିବାବେଳେ ବର୍ଷା ଅଭାବରୁ ଚାଷୀମାନେ ଧାନ ଜମିରେ ରୁଇ ପାରି ନ ଥିଲେ। ଏପରିକି ଏହି ୨ ପଞ୍ଚାୟତକୁ ଇନ୍ଦ୍ରାବତୀ ବାମ କେନାଲ ସଂଯୋଗ ହୋଇଥିଲେ ମଧ କେନାଲର ତ୍ରୁଟି ଯୋଗୁ ଏଠାକାର ଚାଷୀ କେନାଲ ପାଣି ପାଇପାରି ନ ଥିଲେ। ଗୋଟିଏ ପଟେ ପ୍ରକୃତି ଓ ଅନ୍ୟପଟେ ଇନ୍ଦ୍ରାବତୀ ଦଇବ ସାଜିବାରୁ ଏପରି ସମସ୍ୟା ହୋଇଥିବା ଚାଷୀମାନେ କ୍ଷୋଭର ସହ କହିଛନ୍ତି। ଏ ନେଇ ଜୁନାଗଡ ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିଲେ।

